
# ପିଲାଙ୍କ କଥା

## (କନ୍ଧାନ)

## ପ୍ରଥମ ଭାଗ



# ପିଲାଙ୍କ କଥା (କନ୍ଧାନ)

## ପ୍ରଥମ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


**ନିର୍ଦ୍ଦେଶକ**
ପ୍ରଫେସର ଅଖିଳ ବିହାରୀ ଓତା

**ପ୍ରସ୍ତୁତି**
କନ୍ଧାନ ସଂସାଧକ ମଣ୍ଡଳୀ
ଶ୍ରୀ ଚନ୍ଦ୍ରଧ୍ୱଜ ସିଂ ଭୋଇ
ଶ୍ରୀ ଶିବ ପ୍ରସାଦ ସିଂ ଭୋଇ

**ସଂଯୋଜନା**
ଡ଼ଃ ପରମାନନ୍ଦ ପଟେଲ

**ଅଳଙ୍କରଣ**
ପ୍ରିୟରଞ୍ଜନ ବରାଳ

**ପ୍ରକାଶକ**
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

**Director :**
Prof. (Dr.) A.B. Ota

**Prepared by :**
Kandhan Resource Group
Sri Chandra Dwaja Singh Bhoi
Sri Siba Prasad Singh Bhoi

**Co-ordinator :**
Dr. Paramananda Patel

**Illustration :**
Priyaranjan Baral

**Published by :**
Academy of Tribal Languages & Culture
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ କନ୍ଧାନ ଭାଷାର ପ୍ରଥମ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ବାଦଲ୍ ଉପରକେ ଗଲ

**ଖୋବ୍ ଦିନ୍‌ର କାଥା । ବୁଢ଼ୀ ଗୁଟେବ୍ ରେଲ ଯେ ତା'ର୍ କେନ୍‌ଫୁଲି ନା ଥେଲେ । ସକାଳ ହଲେ ବୁଢ଼ୀ ତାର ଖାଟ ପିଣା କେ ଡେର୍‌ତେ, କପଟା ଝାର୍‌ତେ ରାଖତେ ଦେ, ଆରୁ ବାଢୁନ୍ ଧେର୍‌ତେ ଘେର୍‌କେ ବାଣ୍ଠା ବୁଣ୍ଠା ନକରେ । ଘୋଙ୍ଗାହତେ ଘର ବାଣ୍ଠାବୁଣ୍ଠା କେତେ ଠାଢ଼୍ ହମି ବଥଲେ ସବୁଦିନ ବାଦଲ୍ ତାର ମୁଢ଼େ ଠାଟି ହତେରେ । ଖୋବ୍ ଦିନର୍ କାଥାରେ ତୋ ପୁର୍‌ବେ ବାଦଲ୍ ଆମର ମୁଢ଼୍ ଉପରେ ରେଲ । ଇନ୍ତି ଦିନେକ ବୁଢ଼ୀ ଘେର୍ ଉଜାଉଜି କେତେ ଠାଢ଼୍ ହମି ବଥଲାକେ ବାଦଲ୍ ଆର୍ ଥାରେନ୍ ତା'ର ମୁଢ଼େ ଠାଟି ହଲା ।**



ବହୁତ ଦିନ ତଳର କଥା । ଆମ ମହୀମଣ୍ଡଳରେ ଅନେକ ଲୋକ ବାସକଲା ପରି ଗୋଟିଏ ବୁଢ଼ୀ ମଧ୍ୟ ବାସ କରୁଥିଲା । ତା'ର କେହି ଆଉ ନ ଥିଲେ । ସକାଳ ହେଲେ ବୁଢ଼ୀ ତା'ର ଲୁଗାପଟା ଝାଡି ଖଟକୁ ଡେରି କରି ରଖେ ଏବଂ ଝାଡୁ ଧରି ଘର ସଫା କରି ରଖେ । ଝାଡୁ ଧରି ଘର ସଫା କରି ଅଂଟା ସଳଖ କରି ଠିଆ ହେବା ପାଇଁ ଚେଷ୍ଟା କଲାବେଳେ ଆକାଶଟା ତା'ର ମୁଣ୍ଡରେ ବାଜେ । ତଥାପି ସବୁଦିନ ପରି ଘର ସଫା କରେ ଏବଂ ମୁଣ୍ଡରେ ଆକାଶଟା ବାଜିଲେ ମଧ୍ୟ ବୁଢ଼ୀ ସହିଯାଏ । ଦିନେ ଏପରି ଘର ଝାଡୁ କରି ଠିଆ ହେଲା ବେଳକୁ ବୁଢ଼ୀ ମୁଣ୍ଡରେ ପୁଣି ଥରେ ଆକାଶଟା ବାଜିଲା ।

ବୁଢ଼ୀ ସେ ଦିନେ ରିଷା ହଲ ଆରୁ ତାର୍ ଧେର୍ଲା ବାତୁନ୍ ତି ବାଦଲ୍ କେ ଗୁଟେ ବାତୁନ୍ ଦେଲ । ବୁଢ଼ୀର ବାଢୁନ୍ ଫଉନି ରିଷା ହତେ ଖେଶବ୍ ଉପରକେ ଭାଗ୍ତେ ଗଲ । ବାଦଲ ସାଙ୍ଗେ ବୁଢ଼ୀର ଖାଟ ଆରୁ ଛେଲ୍, ମେଢ଼ା, ଗାଏ ବାନ୍ଧବାର ଖୁଟା ମେନେ ଫୁଟି ଉପରକେ ଭାଗ୍ତେ ଗଲ । ଏବେ ରାତ୍ ହଲେ ବୁଢ଼ୀର ଖାଟର୍ ଚାରଟା ଗୋଡ଼ ଆରୁ ଛେଲ, ମେଢ଼ା ବାନ୍ଧବାର୍ ତିନ୍ଟା ଖଉଟା, ଇନ୍ତି ସାତଟା ଗରା ବାଗିର୍ ଦିଶ୍ଲିଆ । ଏବର୍ ମାନେଲୋକ ସେ ସାତ୍ଟା ଗୋଡ଼୍, ଫୁଟା କେ ସପ୍ତର୍ଷି ମଣ୍ଡଳ ବଲ୍ତେ ଡାକଛୋତ୍ ।



ଏଥର ବୁଢ଼ୀ ବିରକ୍ତ ହୋଇ ହାତରେ ଧରିଥିବା ଝାଡୁରେ ଆକାଶକୁ ପାହାରେ ଦେଲା ।  ସେହି ଦିନ ଠାରୁ ଆକାଶଟା ବୁଢ଼ୀର ଝାଡୁ ମାଡ ସହି ନ ପାରି ପୃଥିବୀର ବହୁ ଉପରକୁ ଉଠିଗଲା । ତା' ଆର ସଂଧ୍ୟାରେ ଦେଖିଲାବେଳକୁ ଖଟିଆ ମଧ୍ୟ ନାହିଁ । ବୁଢ଼ୀ ଶୋଇ ନ ପାରି ସେମିତି ଉପରକୁ ଚାହିଁ ରହିଥାଏ । ଠିକ୍ ଅଧା ରାତି ହେଲା ବେଳକୁ ବୁଢ଼ୀ ଦେଖି ପାରିଲା ଯେ ତା'ର ଖଟିଆ ମଧ୍ୟ ଆକାଶରେ ଚାରୋଟି ଗୋଡ ଏବଂ ଗୋଟିଏ ଗୋଡରେ ଛେଳି, ମେଣ୍ଢା ଆଉ ବାଛୁରୀ ବନ୍ଧା ୩ଟି ଖୁଂଟ ଦେଖା ଯାଉଛି । ବୁଢ଼ୀ ମନ ମାରି ରହିଲା । କିଛିଦିନ ପରେ ଶୋଇ ନପାରି ଦେହ ଅସୁସ୍ଥ ହୋଇ ମରିଗଲା ।

ପିଲାଙ୍କ କଥା

# ପିଠା ଖ୍ୱଆ

ଗୁଟେକ୍ ଗାଁ ଥି ବୁଢ଼ା ବୁଢ଼ୀ ଦୁଇ ଲୋକ ରେଲେ । ତାକର କେଡ଼ା କେଡ଼ୀ କେନ୍ ଫୁନି ନାଇଁ । ବୁଢ଼ା ବୁଢ଼ୀ ଦୁଇଲୋକ ଖୋବ୍ ମଜାଥି ରତେଲେ । ଗାଁର କେନ୍ ଫୁନି ଗାଲି ଲାଗବାର ବୁଢ଼ା ବୁଢ଼ୀ ନା ଶୁନ୍‌ତେରି । ବୁଢ଼ୀ ଦୁଇଲୋକ ଖୋବ୍ ମଜାଥି ରତଲେ । ଗାଁର କେନ୍ ଫୁନି ଗାଲି ଲାଗବାର ବୁଢ଼ା ବୁଢ଼ୀ ନା ଶୁନ୍‌ତେରି । ବୁଢ଼ୀ ଦିନେକ୍ ବୁଢ଼ାକେ କହଲ ହଏହୋ ମକେ ପିଠା ଖାବାକେ ଖଣେକ୍ ଆଜ୍ ମନ୍ ଲାଗଛେ । ଛନେକ୍ ତମେ ହାଟକେ ଯାତେ ଗୁଡ ଆରୁ ଚଉଲ୍ ଚୂନା ଆନବାସ୍ । ପିଠା ମୁଇଁ ବନାମି । ବୁଢ଼ା ଶାରଧା ହତେ ହାଟକେ ଯାକିରି ଗୁଡ, ଚଉଲ ଗୁଣ ଆରୁ ତେଲ ଖଣେକ୍ ଘିନ୍‌ତେ ଆନ୍‌ଲ ଆରୁ ବୁଢ଼ୀକେ ଦେଲ । ବୁଢ଼ୀ ଶରରଧା ହତେ ଚୂଲ ଜାଳାତେ ପିଠା ୩ଟା କଲା ।



ଗୋଟିଏ ଗାଁ ରେ ବୁଢ଼ା ବୁଢ଼ୀ ଦୁଇଟା ପ୍ରାଣୀ ଥିଲେ । ତାଙ୍କର ପିଲାପିଲି କେହି ନ ଥିଲେ । ବୁଢ଼ାବୁଢ଼ୀଙ୍କ ମଧ୍ୟରେ ବହୁତ ସ୍ନେହ ଥିଲା । କେବେ ତାଙ୍କର ଦୁହିଁଙ୍କ ଭିତରେ କଳି ଲାଗିବା କେବେ କେହି ଗାଁ ଲୋକେ ଶୁଣି ନାହାନ୍ତି । ବୁଢ଼ୀ ଦିନେ ବୁଢ଼ାକୁ କହିଲା – ଏ ବୁଢ଼ା ଆଜି ମୋର ପିଠା ଖାଇବାକୁ ମନ ହେଉଛି– ତୁ ଯା ବଜାରୁ ତେଲ, ଚୁଡ଼ା, ଚାଉଳ, ଚୂନା ନେଇ ଆସିବୁ, ମୁଁ ପିଠା ତିଆରି କରିବି । ବୁଢ଼ା ଖୁସିରେ ବଜାରକୁ ଯାଇ ପିଠା ତିଆରି ସାମଗ୍ରୀ ଶୀଘ୍ର ନେଇ ଆସିଲା । ଏପଟେ ବୁଢ଼ୀ ଚୂଲୀ ଲଗେଇ, କଢ଼େଇ ବସାଇ ପିଠା ତିଆରି ଆରମ୍ଭ କଲା । ପିଠା ତିଆରି କାମ ସରିଗଲା ଓ ବୁଢ଼ା ଆଣିଥିବା ସାମଗ୍ରୀରେ କେବଳ ତିନୋଟି ପିଠା ହୋଇ ପାରିଲା । ବୁଢ଼ାବୁଢ଼ୀ ଦୁଇଟା ଆଉ ପିଠା ହେଲା ତିନିଟା ।

ପିଲାଙ୍କ କଥା

ହଲେ ଗୁଣ୍ ଗୁଡ ସରଲ ସୁନା ପିଠା ତିନ୍‌ଟା ଏକେନ୍ ହଲ ବୁଢ଼ୀ ବୁଢ଼ାକେ କଅଲ ହଏହୋ – ତମେ ଆନଲା ଚୂଳ ଗୁଣଥି ୩ଟା ପିଠାଏ କେନ୍ ହଲନେ । ମକେ ଖୋବ୍ ମନ୍ ଲାଗଛେ । ମୁଇଁ ୨ଟା ଖାମି ଆରୁ ତମେ ଗୁଟକେ ପିଠା ଖାଆନେ । ବୁଢ଼ା କଅଲ – ହଁ, ମୁଇଁ ଯେ ଖାରା ଧିଆଁତେ ହାଟକୁ ଇ ସାବୁ ଆନଲାଛେଁ । ମୁଇଁ ଦୁଇଟା ଖାମି, ତୁଇ ଘେରେ ବସ୍‌ତିଲିଆ ତୁଇ ଗୁଟେକ୍ ଖାବିସ୍ । ମୁଇଁ ଦୁଇଟା ପିଠାଖାମି । ଇନ୍ତି କେତେ ବୁଢ଼ା ବୁଢ଼ୀ ଘିଚାଟଣା ହଲେ । କେନ୍ ଦୁଇଟା ଆରୁ କେନ୍ ଗୁଟେକ ପିଠାଖାତ, ଇ କଥା ନା ଚିଡ଼ଲ । ତେନ୍‌କେ ବୁଢ଼ା ବୁଢୀ କାଥା ହେଲେ :- ଚାଲ ବୁଢ଼ୀ ତୁଇ ଗୁଟେକ୍ ଖାଟେ ଶୁ, ଆରୁ ମୁଇଁ ଗୁଟେକ୍ ଶୁଏନା । ଯେନ୍ ଆଗେ ଉଠ୍‌ତ ସେ ଗୁଟେକ୍ ପିଠା ଖାତ, ଆରୁ



ତେଣୁ ତାଙ୍କ ଭିତରେ ଟଣା ଓଟରା ଆରମ୍ଭ ହେଲା । ବୁଢ଼ା କହିଲା- ବୁଢ଼ା ମୁଁ ବଜାରକୁ ଯାଇ ଧାର ଉଧାର କରି ସଉଦା ଆଣିଛି ତେଣୁ ମୁଁ ଦୁଇଟା ଖାଇବି ଆଉ ତୁ ଗୋଟିଏ ଖା । ବୁଢ଼ୀ କହିଲା–ଏବୁଢ଼ା ମୁଁ କଷ୍ଟରେ କାଠ, ଚୂଲୀ ଲଗେଇ ହାତରେ ପିଠା ପାରି ତାରି ପିଠା କରିଛି ତେଣୁ ମୁଁ ଦୁଇଟା ଖାଇବି ଏବଂ ତୁ ଗୋଟିଏ ଖାଇବୁ । ବୁଢ଼ା କହିଲା–ନା, ମୁଁ ଦୁଇଟା ଖାଇବି । ତୁ ଗୋଟିଏ ଖା । ଏମିତି ତାଙ୍କ ଭିତରେ କଥା ଟଣା ଓଟରା କଥା ସରିଲା ନାହିଁ । ଦୁହେଁ ଦୁହିଁଙ୍କ ଜିଦ୍‌ରେ ଅଟଳ ରହିଲେ । ପିଠା କିଏ କେତୋଟା ଖାଇବେ କଥା ସମାଧାନ ହେଲା ନାହିଁ । ତେଣୁ ସେମାନେ ପରସ୍ପର ସିଦ୍ଧାନ୍ତ କଲେ ଯେ ସେମାନେ ଦୁହେଁ ଶୋଇଯିବେ ଏବଂ ଯିଏ ଆଗ ଉଠିବ ସେ ଗୋଟିଏ ପିଠା ଖାଇବ ଏବଂ ଯିଏ ପଛରେ

ଯେନ ପେଛେ ଉଠ୍‌ତ ସେ ଦୁଇଟା ପିଠା ଖାତ । ବୁଢ଼ା ବୁଢ଼ୀ ଦୁଇଟା ଭିନେ ଭିନେ ଖାଟ୍ ପାର୍‌ତେ ଶଲେ । କେନ୍ ଫୁନି ଆଗେ ନା ଉଠବାର୍ । ବୁଢ଼ୀ ବଲଛେ – ବୁଢ଼ା ଆଗେ ଉଠ୍‌ତ ହଲେ ବନେ ହତା । ବୁଢ଼ା ବଲଛେ ମନେ ମନେ ବୁଢ଼ୀ ଆଗେ ଉଠତ ବଲଲେ ମୁଁ ଦୁଇଟା ପିଠା ଖାମି । ଆରୁ ବୁଢ଼ୀ ଗୁଟେକ୍ ଖାତ୍ । ଇନ୍ତି କେତେ ଦିନେକ୍ ଦୁଇଦିନ ଗଲନେ ବୁଢ଼ା ବୁଢ଼ୀ ଶଅଲାଛେତ । ଗାଁର ମୁନୁଷ ମେନେ ଦେଖଲେ ଯେ ବୁଢ଼ାବୁଢ଼ୀ ହେତ୍‌ଚେତ୍ ନାଇଁ ଗଅଲଛତ । ସବ ଲୋକ ବିଚାର କେଲେ- ବୁଢ଼ା ବୁଢ଼ୀ ମରତେ ଗେଲେନେ । ଚାଲ ମାଟି ତୁପ୍‌ତେ ଦିମୁଁ ।ତେନ୍‌କେ ବୁଢ଼ା ବୁଢ଼ୀ କେ ତାକର ଖାଟ ଶଅଲ ଥି ମଶାନ୍ ପଦା କେ ନେତେ ତୁପ୍ ବାରକେ କଥା ବିଚାଣ ଶୁନ୍‌ତେ ବୁଢ଼ା



ଉଠିବ ସିଏ ଦୁଇଟା ପିଠା ଖାଇବ । ତେଣୁ ଦୁହେଁ ଅଲଗା ଅଲଗା ଖଟରେ ଶୋଇଲେ । ବୁଢ଼ା ଭାବୁଛି ମୁଁ ପଛରେ ଉଠିବି ଦୁଇଟା ଖାଇବି । ବୁଢ଼ୀ ଭାବୁଛି- ବୁଢ଼ା ଆଗରେ ଉଠୁ ସେ ଗୋଟିଏ ଖାଇବ ଆଉ ମୁଁ ଦୁଇଟା ଖାଇବି । ଏମିତି ଦୁଇଦିନ ବିତିଗଲା, କେହି ନ ଉଠି ଶୋଇ ରହିଥାନ୍ତି । ଗାଁ ଲୋକେ ଦେଖିଲେ ବୁଢ଼ା ବୁଢ଼ୀ ଘର ମେଲା ପଡ଼ିଛି । ହେଲେ ଦୁହେଁ ବୁଢ଼ାବୁଢ଼ୀ ନିଶବ୍ଦରେ ନିଘୋଡ଼ ନିଦରେ ଶୋଇଲା ପରି ଚେଇଁ ରହି ଶୋଇବା ଅଭିନୟ କରୁଛନ୍ତି । ଗାଁ ଲୋକ ଭାବିଲେ ଯେ ବୁଢ଼ାବୁଢ଼ୀ ମରିଗଲେଣି । ବୁଢ଼ାବୁଢ଼ୀଙ୍କର କେହି ନଥିବାରୁ ଗାଁ ଲୋକେ ବୁଢ଼ା ବୁଢ଼ୀଙ୍କୁ ତାଙ୍କ ଶୋଇଥିବା ଖଟିଆ ସହିତ ବୋହି ନେଇ ଶବ ସତ୍କାର କରିବାକୁ କାର୍ଯ୍ୟକ୍ରମ ଆରମ୍ଭ କଲେ ।

ତୋଡକୋ ଉଠ୍‌ଲ ଆରୁ ବଏଲ – ଏ ବୁଢ଼ୀ ତୁଇ ପେଛେ ଦୁଇଟା ଖା, ମୁଁଇଁ ଗୁଟେକ୍ ପିଠା ଖାଏନା । ସବ୍ ଗାଁର ମୁନୁଷ ମେନେ ଚମକ୍ ତେ ଗେଲେ ଆରୁ ବାଏଁଟା ହଲ ବଲ୍‌ତେ ବୁଢ଼ାବୁଢ଼ୀକେ ପଚାର କେଲେ । ବୁଢ଼ା ବୁଢ଼ୀ ସାବୁକଥା ଗାଁର ମୁନୁଷ ମେନେ କହତେଦେଲେ । ଗାଁର ମୁନୁଷ ମେନେ ଖୋବ୍ ହଁସଲେ ଆରୁ ବୁଢ଼ୀ ବୁଢ଼ାକେ ଗୁଟେକ୍ ଆରୁ ଆଧା ଆଧା କେତେ ପିଠା ଭାଗ କେତେ ଦେଲେ । ବୁଢ଼ା ବୁଢ଼ୀ ଶରଧା ହତେ ହାଁସଲେ ଆରୁ ଗାଁର ମୁନୁଷ ମେନେ ବଲଲେ- ଆଜ୍ ଦିନୁ ଆମେ ଦୁଇ ବୁଢ଼ା ବୁଢ଼ୀ ମିଲ୍‌ତେ ରିମୁଁ, କେଉଁ ଆରୁ ଗାଲି ନା ଲାଗୁଁକେ ।



ଶବ ସତ୍କାର କରିବାକୁ ନିଆଁ ଦେବା ପାଇଁ ଗଲାବେଳକୁ ବୁଢ଼ା ଖଟିଆରୁ ଉଠିପଡ଼ି କହିଲା –ଏ ବୁଢ଼ୀ ତୁ ପଛକେ ଦୁଇଟା ପିଠା ଖା ମୁଁ ଗୋଟିଏ ଖାଇବି । ଗାଁ ଲୋକେ ତାଟକା ହୋଇ ପଚାରିଲେ କ'ଣ ହେଲା ? ବୁଢ଼ା ବୁଢ଼ୀ ଉଠିପଡ଼ି ସବୁ ବିଷୟ କହିଗଲେ । ଗାଁ ବାଲେ ହସିଲେ ଆଉ ପୁଣି ଗାଁକୁ ମଶାଣିରୁ ଫେରିଗଲେ । ଗାଁ କୁ ଯାଇ ବୁଢ଼ାବୁଢ଼ୀଙ୍କୁ ତାଙ୍କ ଘରେ ବସାଇଲେ । ପିଠା ତିନିଟାକୁ ଆଣିଲେ । ଗୋଟିଏ ପିଠାକୁ ସମାନ ଦୁଇଫାଳ କରି ବୁଢ଼ାବୁଢ଼ୀଙ୍କୁ ଗୋଟିଏ ଓ ଅଧା ଫାଳିଆ ପିଠା ଲେଖାଏଁ ଦେଇ କଥାର ସମାଧାନ କରିଦେଲେ । ବୁଢ଼ା ବୁଢ଼ୀ ଶରଧାରେ ହସିଲେ । ଗାଁ ଲୋକଙ୍କୁ କହିଲେ ଆଜିଠାରୁ ଆମେ ଦୁଇ ବୁଢ଼ା ବୁଢ଼ୀ ମିଶି ରହିବୁ ଆଉ କଜିଆ କରିବୁ ନାହିଁ ।

# ଲିଟୀଚେରେର ବୁ ନୁରା
# (ଲିଟି ଚଢ଼େଇର ବୋହୂ ଖୋଜା)

ଗୁଟେକ୍ ଗାଁ ଥି ଗଁତିଆ ବୁଢ଼ାର୍ ପୋ ଗୁଟେକ୍ ରେଲ । ଗଁତିଆ ବୁଢ଼ଶର ଖାଲା ଥି ବୋରୋ ଗେଛର୍ ଲଏର୍ ଗୁଟେକ୍ ରେଲ । ସେ ଖାଲା ଥିର୍ ଲାଏର୍ ତି ବୁଢ଼ାର ପୋ ବୋରୋ ଝାର୍‌ତେ ଖାତେଲ । ଇ ବେଲ୍‌କେ ଗୁଟେକ୍ ଲିଟୀଚେରେ ଆତେ ସାବୁଦିନ୍ ପିଲାକେ ବୋରୋ ଗୁଟେକ୍ ଦୁଇଟା ମାଘତେ ଖାତେଲ । ଇନ୍ତି ହତେ ହତେ ଲିଟୀଚେରେ ଆରୁ ଗଁତିଆ ପିଲା ଭିତରେ  ଜନାଚିନା ହେଲା । ଦିନେକ୍ ଗଁଚୀଆ ପିଲା ବୋରୋ ଗେଛ ତଲେ ମୁଁହ ଶୁଖାତେ ବସ୍‌ତେ ରେ ଆରୁ ଲିଟୀଚେରେ ଆତେ ପିଲାକେ ପଚାର କେଲ - ଦାଦା; କାଁ କାଯେ ମୁଁହ ଶୁଖାତେ ବସଲାଛସ୍ । ପିଲା ତୁମ୍ ପର୍‌ଲ । ଲିଟୀଚେରେ ବଲ୍‌ଲ – ହଁ ଦାଦା; ଆମ୍ ବୁ ଗୁଟେକ ନା ଆସବାର ଯେ ତମେ ଦୁଃଖ କେରିଛା କାଏଁ ରିଆ ରିଆ ମୁଁଇଁ ଯାଛେ । ତୁମର୍ କାଯେ ମୁଁଇଁ ଯେନ୍ତା କେତେ ଫୁନି ବୁ ଗୁଟେକ୍ ଆନ୍‌ତେଁ ।



ଛୋଟ ଗାଁ ଟିଏ । ଗାଁର ଶେଷ ମୁଣ୍ଡରେ ଗୌନ୍ତିଆ ଘର । ତା' ପାଖରେ ବରଗଛଟିଏ । ଗଛର ଛାଇରେ ଗୌନ୍ତିଆର ପୁଅ କେବେ କେବେ ବସି ମନେ ମନେ ଅନେକ କଥା ଚିନ୍ତା କରେ ବର ଗଛରେ ଫଳ ଧରିଲେ ଲିଟୀ ଚଢ଼େଇଟିଏ ଫଳ ଖାଇବାକୁ ଆସି ଗଛରେ ବସିଯାଏ । ଲିଟୀ ଚଢ଼େଇଟି ଭାରି ବୁଦ୍ଧିଆ । ଗୌନ୍ତିଆ ପୁଅ ଓ ଲିଟୀ ଚେଢ଼େଇଟି ଅନେକ ସମୟରେ ଏମିତି ଭେଟ ହେଉ ହେଉ ଦୁହିଁଙ୍କ ଭିତରେ ବନ୍ଧୁତା ହୋଇଗଲା । ଲିଟୀ ଚଢ଼େଇଟି ଗୌନ୍ତିଆ ପୁଅକୁ ଦାଦା ବୋଲି ସମ୍ବୋଧନ କରେ । ଲିଟୀ ଚଢ଼େଇଟି ଦିନେ ଗୌନ୍ତିଆ ପୁଅର ମନ ମାରି ବସିଥିବାର ଦେଖି ପଚାରିଲା - ଦାଦା ତୁମେ କାହିଁକି ଏମିତି ମନ ମାରି ବସୁଛ ? କ'ଣ ତୁମର ସାଥିଟିଏ ନାହିଁ ବୋଲି ଦୁଃଖ କିଆଁ କରୁଛ ? ହଉ ହଉ ତୁମ ପାଇଁ ଯେଉଁଠୁ ହେଉ ବୋହୂଟିଏ ଆଣି ବିଭା କରିଦେବି । ଗୌନ୍ତିଆ ପୁଅ କିଛି ନ କହି କେବଳ ଲିଟୀର କଥା ଶୁଣି ହସି ଦେଲା ।

ଲିଟାଚେରେ ଭୁରର୍ କେତେ ଉଡ଼ତେ ବୁ ନୁର୍ଡ଼େ ଗଲ । ଉଡ଼ତେ ଉଡ଼ତେ ଲିଟୀଚେରେ ଆର୍‌ଗୁଟେକ୍ ଗାଁ କେ ଗଲ ଆରୁ ଗାଁର ବନ୍ଧର ହିରର୍ ଗେଛେ ବସ୍‌ତେ ରେ । ଦୁରର ଗାଁ ଛୁମେ ବନ୍ଧ ଗୁଟେକ ରିଏ । ସେ ବନ୍ଧର ହିର ଉପର ଗଛର ଖେନାଥି ଲିଟୀଚେରେ ଯାତେ ବସଲେ । ଗାଁର ଧାଙ୍ଗ୍‌ରୀ, ବୁଢ଼ୀ ମେନେ ପାନୀ ଖାଅବାକେ ଆଲେ । ସେ ମାଏଙ୍ଝ ପିଲା ଭିତରେ ଅଏନ୍ ସୁନ୍ଦର ଧାଙ୍ଗରୀ ଗୁଟେକ୍ ତା'ର ସୁନାମାଲି କେ ବନ୍ଧର୍ ହିରେ ଧୋତେ ପାନିକେ ଗାଧ୍‌ବାର କେ ଶବଲ । ଧାଙ୍ଗ୍‌ରୀ ସୁନା କେ ଲିଟୀଚେରେ ଠଁଟେ ଧେର୍‌ତେ ଗେଛର୍ ଖାନି ଥି ବସ୍‌ତେରେ । ଗାଧାଗାଧା ସାର୍‌ତେ ଧାଙ୍ଗ୍‌ରୀ ତା'ର ସୁନା ନୁରଲ । ନାଁ ପାଆଲା ଆରୁ ଚେଛ ଉପରକେ ଠଁକାଲ ଯେ ଲିଟୀଚେରେ ତାର ସୁନାକେ ଠଁଟ୍‌ଥି ଚାବ୍‌ତେ ଧେର୍‌ଲାଛେ । ଧାଙ୍ଗ୍‌ରୀ ଲିଟୀଚେରେକେ ତା'ର ସୁନା ମାଙ୍ଗଲ ଆରୁ ବଲ୍‌ଲ –



ଏଥର ଲିଟୀ ଚଢ଼େଇଟି ଦାଦାର ମନ ବୁଝିପାରି ବୋହୂ ଖୋଜିବା ପାଇଁ ବାହାରି ପଡ଼ିଲା । ଲିଟୀ ଚଢ଼େଇଟି ଅନେକ ଦୂର ଉଡ଼ିଗଲା ପରେ ଗୋଟିଏ ଗାଁର ବନ୍ଧ ହିଡ଼ରେ ଥିବା ଗଛ ଡାଳରେ ବସି ପଡ଼ିଲା । ଗାଧୁଆ ବେଳ ହେବାରୁ ସେଇ ଗାଁର ମାଇପି ଲୋକେ ବନ୍ଧରେ ଗାଧୋଇବା ପାଇଁ ତୁଠକୁ ଆସିଲେ ଏବଂ ଗାଧୋଇବା ଆରମ୍ଭ କଲେ । ତାଙ୍କ ଭିତରୁ ସେଇ ଘରର ଧନୀ ଘରର ଝିଅଟିଏ ମଧ୍ୟ ନିଜେ ସୁନା ଅଳଙ୍କାର ଗାଧୁଆ ତୁଠରେ ଥୋଇ ପାଣିକୁ ପଶିଲା । ସେଇ ସୁଯୋଗରେ ଲିଟୀ ଚଢ଼େଇଟି ଗଛରୁ ଉଡ଼ିଆସି ସେଇ ଯୁବତୀ ଝିଅର ସୁନା ଅଳଙ୍କାର ଥଂଟରେ ଧରି ସେଇ ଗଛ ଡାଳରେ ବସି ପଡ଼ିଲା । ଯୁବତୀଟି ଗାଧୋଇ ସାରି ତୁଠକୁ ଆସି ଦେଖେତ ଲିଟୀ ଚଢ଼େଇଟିର ଥଣ୍ଟରେ ତା'ର ସୁନା ଅଳକାଂର ଝୁଲୁଛି । ଯୁବତୀଟି ନେହୁରା ହୋଇ ଲିଟୀକୁ କହିଲା – ଏ ଲିଟୀ ପାଂଚରେ ଫୁଟି ମୋର ସୁନା ଦେନାରେ ।

ଏ ଲିଟୀ ପାଂଚରେ ଫୁଟି, ମର ସୁନା ଦେନେରେ । ଲିଟୀଚେରେ ଗୀତ ଗାଏଲ୍ – ଚାଲ ଚାଲ ଚାଲ ନେ ବହୁ ବୋରୋ ଗେଛର ଲଏର୍ ହୋ । ଇନ୍ତି କେତେ ଲିଟୀଚେରେ ଇଗେଛ ନୁ ସେ ଗେଛ ଉଡତେ ଉଡ଼ତେର ଆରୁ ଲିଟୀଚେରେ କେ ଠଁକାତେ ଠଁକାତେ ଧାଙ୍ଗ୍ରୀ ଫୁନି ଯାତେରେ । ଇନ୍ତି ଇନ୍ତି କେତେ ଲିଟୀଚେରେ ଧାଙ୍ଗ୍ରୀ କେ ତା'ର ଦାଦାର ବୋରୋଗେଛର ଲୟର କେ ନେଲ । ଆରୁ ତା'ର ଦାଦାକେ ବଲ୍ଲ – ଏଦାଦା ତମର କାଯେ, ତମର ଛୁମକେ ମର୍ ବହୂ ଗୁଟେକ୍ ଆନ୍ ଦେଲାଛେ । ମର ବହୂକେ ବନେକେତେ ଘେରକେ ନିଆସ୍ ଆରୁ ରାଖବାସ । ଧାଙ୍ଗରୀ ଆରୁ ଗଁ ତିଆ ପିଲା ଫୁଲି ଶରଧା ହଲେ ମାଇଜୀ ମୁନୁଷ ହତେ ରଲେ । ଲିଟୀଚେରେ କେ ଶରଧା ହତେ ବୋରୋଚେଛର ଲାଏର୍ ଥି ଗୁଡା ଗୁଡାକେ ବାନାତେ ରାଖଲେ ।



ଲିଟୀ– ଚାଲ ଚାଲକେ ବହୁ ବରଗଛର ଲାଏର ହୋ । ଯୁବତୀଟି ଏମିତି ନେହୁରା ହୋଇ କହି ଲିଟୀକୁ ଅନୁସରଣ କରି ଚାଲିଥାଏ । ଲିଟୀ ଚଢ଼େଇଟି ମଧ ଗୋଟିଏ ଗଛରୁ ଅନ୍ୟ ଗଛକୁ ଥଂଟରେ ସୁନା ଧରି ଉଡ଼ି ଉଡ଼ି ଯାଉଥାଏ । ଏମିତି ଦୁହେଁ ଯାଉ ଯାଉ ସେଇ ଲିଟୀଚେରେ ଦାଦା ଘରର କେରୋଗଛ ପାଖରେ ପହଂଚିଗଲେ । ଗୌନ୍ତିଆର ପୁଅ ଯୁବତୀକୁ ଦେଖି ଖୁସିରେ ଆଗ୍ରହରେ ଘରକୁ ଡ଼ାକି ଅଣାଇଲା । ଲିଟୀଚେରେ ଦୁହିଁଙ୍କ ଭେଟ କରାଇ, ପରିଚୟ ଦେଇ ସୁନାହାରରୁ ପୁଅକୁ ଦେଇ କହିଲା–ଦାଦା ତୁମ ଲାଗି ନୂଆ ବୋହୂ ଆଣିଛି । ଏଇ ସୁନା ହାରଟି ତାଙ୍କର । ମୋର କାମ ସରିଗଲା । ଏଥର ତୁମେ ଆଉ ଗୋଟିଏ ସୁନାହାର ଆଣି ମୋର ବୋହୂକୁ ପିନ୍ଧାଇ ଘରକୁ ନେଇଯାଅ । ଗୌନ୍ତିଆ ପୁଅକୁ ଯୁବତୀ ମଧ ପସନ୍ଦ କଲା ଏବଂ ଦୁହେଁ ବାହାସାହା ହୋଇ ଖୁସିରେ ରହିଲେ । ଲିଟୀ ପାଖରେ ଦୁହେଁ ସବୁଦିନ ସକାଶେ କୃତଜ୍ଞ ହୋଇ ରହିଲେ ।

# ମାଙ୍କଡ଼ ଘଞ୍ଜା (ମାଙ୍କଡ଼ ଜ୍ୱୋଇଁ)

**ଗୁଟେକ୍ ଖମନ୍‌ର ମାକଡ଼ ଥାରେନ୍ ମୁନୁଷ ବାଗିର୍ ହକାକେ ମନେ ଠିକ୍ କେଲ । ମାକଡ଼ ବଡା ଝଗ୍‌ଲୁ ରେଲ । ଦିନେକ୍ ମାନେ ମେନ୍‌କର୍ ବାଗିର୍ ଧୁତି, କୁରୁତା ସଲାତେ ଗାଁ କେ ଗାଁ ଯାତେ କହଲ – ମନେ କେନ୍ କେନ୍ ଘଂଜା ରାଖବାସ୍ କେ । ମୁଇଁ ସାବୁ କାମ ଜାନ୍‌ଲାଛେ । ହଲ୍ ଧେର୍‌ନା, କାଠ ଚିର୍‌ନା, ସାବୁକାମ ଜାନ୍‌ଲାଛେ । ସେ ଗାଁ ଥି ବୁଢ଼ା ବୁଢ଼ୀ ରହତେଲେ । ତାଙ୍କର ପୋ ନା ତେଲେ, ଧାଙ୍ଗ୍‌ରୀ ଝି ଗୁଢ଼େକ୍ ରେଲ । ହେଦୃର ଲାଗି ଝିର୍ ଲାଗି ଘଂଜା ଗୁଟେକ୍ ମନେ ମନେ ନୁରତେଲେ । ହଲେ ଲୋକମେନେ ମାକଡ଼ କେ ଦେଖ୍‌ତେ ଘୁଚା ମାରିତେଲେ । ବୁଢ଼ା ଆରୁକାଏଁ କେତେ ଘଂଜା କ୍ଷେତକାମ କର୍‌ତ ହଲେ ବଲ୍‌ତେ ମାକଡ଼ କେ ଘଂଜା ରାଖଲ ।**



ଗୋଟିଏ ବଣର ମାଙ୍କଡ଼ ଥରେ ମଣିଷ ପରି ହେବା ପାଇଁ ଚାହୁଁଥାଏ । ମାଙ୍କଡ଼ଟି ଭାରି ଦୁଷ୍ଟ । ଥରେ କୁଆଡ଼ୁ କୁଆଡ଼ୁ ଲୁଗାପଟା ଯୋଗାଡ଼ କରି ଧୋତି, ପଂଜାବୀ ପିନ୍ଧି, ଗଳାରେ ମାଳିଟିଏ ଗଳେଇ ଗାଁ ଗାଁକୁ ଯାଇ କହିଲା– ଏ କିଏ କିଏ ତୁମ ଝିଅ ପାଇଁ ଘର ଜୋଇଁ କରି ରଖିବ କି ? ମୁଁ ସବୁ କାମ ଜାଣିଛି । ହଳ ଧରିବା, କାଠ ଚିରିବା ସବୁ କାମ ଜାଣିଛି । ସେହି ଗାଁ ରେ ବୁଢ଼ାବୁଢ଼ୀ ରହୁଥାନ୍ତି । ତାଙ୍କର ଗୋଟିଏ ଝିଅ ଥାଏ, କିନ୍ତୁ ପୁଅ କେହି ନ ଥା'ନ୍ତି । ସେଥିପାଇଁ ଝିଅପାଇଁ ଘରଜ୍ୱୋଇଁ ଗୋଟିଏ ମନେ ମନେ ଖୋଜୁଥିଲେ । କିନ୍ତୁ ଲୋକମାନେ ମାଙ୍କଡ଼ର ଚାଲିଚଳଣି ଦେଖି ନାପସନ୍ଦ କରୁଥାନ୍ତି । ହେଲେ ବୁଢ଼ା ଚାଷ କାମ କରିବା ପାଇଁ ଭାବି ମାଙ୍କଡ଼କୁ ଜୋଇଁ କରି ରଖିଲା ।

ପିଲାଙ୍କ କଥା

ମାକଡ଼୍ ସାବୁଦିନ୍ ହଲ୍ ନଙ୍ଗଲ୍ ଧେର୍‌ତେ ଯାଏଲିଆ ଆରୁ ଖା'ବାର ବେଲ ହଲେ ଘେରକେ ଆଏଲିଆ । ଘେର୍‌କେ ଆଲେ ବୁଢ଼ା ବୁଢ଼ୀର ଝି ବନେ କେତେ ମାକଡ଼୍ ଘଂଜାକେ ଖା ବାତେ ଦେତେଲ । ମାକଡ଼୍ ଖାତେପିତେ ଉଠଲେ ବୁଢ଼ାର ଝି ଖୁରି ଧ ବାକେ ନେଲେ ମାକଡ଼୍ ବଲତେଲ – ହାଁ ହାଁ ଖା'ବାର ଖଲି ଦନା କେନ୍ ଧରିଆ କେଁ । ଆମର ବାଟେ ଖା ପି ସରଲେ ଖୁରି, ଗିନା କେ ଖାଲେ ଫୁକି ଦୁନା । ଆଁ ଠା ଖୁରିଥି ଆରୁ କେନ୍ ଖାତ । ଇନ୍ତି ଇନ୍ତି କେତେ ଦିନ୍‌କେ ଦିନ୍ ଖୁରି ଗିନା ଖାଲେ ଫିଙ୍କ୍‌ତେ ଫିଙ୍କ୍‌ତେ ଘେରର ସାବୁ ସରଲ ।



ମାଙ୍କଡ଼ ସବୁଦିନ ହଳ ଲଙ୍ଗଳ ଧରି ବିଲକୁ ଯାଏ, ଖାଇବାର ବେଳ ହେଲେ ଘରକୁ ପଳାଇ ଆସେ । ଘରକୁ ଆସିଲେ ବୁଢ଼ା ଶ୍ରଦ୍ଧାରେ ବୁଢ଼ୀ ଓ ଝିଅକୁ ଜୋଁଇକୁ ଭଲ ଖାଇବାକୁ ଦିଅ କହେ । ଖାଇ ସାରିଲା ପରେ ଝିଅ ଯେତେବେଳେ ମାଙ୍କଡ଼ ଖାଇଥିବା ବାସନକୁସନ ଗୋଟାଇ ସଫା କରିବାକୁ ନେଇଯାଏ, ସେତେବେଳେ ମାଙ୍କଡ଼ କହେ–ଛି ଛି ଖାଇସାରି ବାସନକୁସନ କୁ ନ ଧୋଇ ଖଲିଦନା ଭାବି ଆମ ଆଡ଼େ ଖାଲରେ ଫିଙ୍ଗି ଦିଅନ୍ତି । ଅଇଁଠା ଥାଳିରେ ଆଉ କେମିତି ଖାଇବ । ଏମିତି ସବୁଦିନ ଖାଇ ସାରିବା ପରେ ଝିଅଟି ବାସନକୁସନ ନ ଧୋଇ ଖାଲରେ ଫିଙ୍ଗିଦେଇ ଆସେ । ଏହି ପରି କେତେଦିନ ଖାଲରେ ବାସନକୁସନ ଫିଙ୍ଗୁ ଫିଙ୍ଗୁ ସବୁ ଘରର ସବୁ ସରିଗଲା ।

**ବୁଢ଼ା ମାକଡ଼ ଘଂଜାକେ କ୍ଷେତ କେ ଧାନ ବୁନାରେ ପାଠାବାକେ ମାକଡ଼ ଧାନକେ କେତେ କୁଲ୍‌ହିଆ ଖାଚେ । ରୁକାତେ ଦେଆରୁ ଧାନ ବୁନ୍‌ତେ ଆଁ ଲଁ ବଲତେ ବୁଢ଼ା କେନାରେ । ବୁଢ଼ାଫୁନି ଶରଧା ହତେ ମାକଡ଼କେ ଆର୍ ବନେକେତେ ଦିଆସ୍‌ରେ ବଲତେ ବୁଢ଼ୀକେ ଆରୁ ଝିଂକେ ବଲେ । ଦିନେକ୍ ଘଂଜା ଘେରେ ଶଅତେଲା ବେଲ୍‌କେ ତା'ର ଲେଞ୍ଜ ଭ୍‌ଟାକେ ଦିଶତେଲ୍ । ବୁଢ଼ା ବୁଢ଼ୀ ଦେଖଲେ ଆରୁ ଗାଁର ମୁନ୍‌ଷ ମେନ୍‌କେ ହାକ୍ କେରାକେଲେ । ଗାଁର ମୁନୁଷ ମାନେ ମାକଡ଼ କେ ଜାନ୍‌ଲେ ଆରୁ ଠେଙ୍ଗାବାଡି, ଧେର୍‌ତେ ମାକଡ଼କେ ପିଟ୍‌ବାର କାଯେ ଥାଲେ । ମାକଡ଼ ଛେନ୍ ସବୁ ଦେଖଲ ଆରୁ କିଛୁ ବୁଦ୍ଧି ନା ପାକର୍ ଗୁଟେକ୍ ଡେଗା ଦେଲ ଆରୁ ତା'ର ଖମନ ଭାଗତେ ଗଲ । ଗାଁର ମୁନୁଷମେନେ ଆରୁ ଆଗକେ ବନେ ଘଂଜା ରଖ୍ୱାକେ ବୁଢ଼ା କେ ବତାଲେ ।**



ବୁଢ଼ା ମାଙ୍କଡ଼ ଜୋଇଁକୁ ଧାନ ବୁଣିବାକୁ ପଠାଇଲେ ମାଙ୍କଡ଼ ଧାନକୁ ବିଲୁଆ ଗାତ ମାନଙ୍କରେ ଭର୍ତ୍ତି କରି ଦେଇ ଆସେ । ଆଉ ବୁଢ଼ାକୁ କହେ ସବୁ ବୁଣି ଦେଇ ଆସିଲି । ବୁଢ଼ା ଶ୍ରଦ୍ଧାରେ ବୁଢ଼ୀ ଓ ଝିଅକୁ ଭଲ ଖାଇବାକୁ ଦେବା ପାଇଁ କହେ । ଦିନେ ମାଙ୍କଡ଼ଟି ଶୋଇଥିବା ବେଳେ ତା'ର ମାଙ୍କଡ଼ ଜୋଇଁର ଲାଞ୍ଜ ବାହାରକୁ ଦିଶୁଥିଲା । ବୁଢ଼ା ବୁଢ଼ୀ ଦେଖିଲେ ଓ ଗାଁ ଲୋକଙ୍କୁ ଡାକ ପକାଇଲେ । ଗାଁ ଲୋକେ ଦୁଷ୍ଟ ମାଙ୍କଡ଼ର ଠକାମିକୁ ଜାଣିପାରି ଠେଙ୍ଗା ବାଡି ଧରି ବାଡ଼େଇବା ପାଇଁ ଗୋଡ଼ାଇଲେ । ମାଙ୍କଡ଼ ଏ ସବୁ ଦେଖି ଆଉ କିଛି ବୁଦ୍ଧି ନ ପାଇ ଗୋଟିଏ କୁଦା ମାରି ବୁଢ଼ାର ଘରୁ ବଣକୁ ପଳାଇ ଗଲା । ଗାଁ ଲୋକେ ବୁଢ଼ା ଏମିତି ଭୁଲ୍ କରି ଥିବାରୁ ଭବିଷ୍ୟତରେ ଜଗିରଖି ଭଲ ଜ୍ୱାଇଁ ଖୋଜିବାକୁ ପରାମର୍ଶ ଦେଲେ ।

ପିଲାଙ୍କ କଥା

# କୁକୁରା କୁଲ୍‌ହିଆ ମିତ (କୁକୁଡ଼ା ବିଲୁଆ ମିତ)

ଗୁଟେକ୍ ମାଇ କୁକୁରା ତା'ର ସାନ ସାନ ଚିଆଁ ମେନକେ ର ସୁଦା ତା'ର ମହାଜନ ଘେରେ ରହଲେ । ସାବୁଦିନ ମାଇ କୁକୁରା ଚିଆଁ ମେନକେ ଧେର୍‌ତେ ତା'ର ମହାଜନ ଧାନଖାଲା ଉଧଲାବାକେ ଯାତେଲ । ଗୁଟେକ୍ କୁଲ୍ହିଆ ଫୁନି ସେ ଖାଲା ଛୁମକେ ଆସ୍ତେ କୁକୁରା ମାଇକେ ମୁର୍‌କୁଟିବାକେ ମନେ ମନେ ଗୁନାନ୍ କେରେ । ଇନ୍ତି କେତେ କୁକୁରା ଆରୁ କୁଲ୍‌ହସୁଦା ମିତ ହତେଗଲ । ଦିନେକ୍ କୁଲ୍‌ହିଆ ତାର କୁକୁରା ମିତକେ କହଲ- ମିତନୀ; ଚାଲ ଇ ଛୁମେ ଆର୍ ଗୁଟେକ ଧାନଖାଲା ଆଛେ । ସେ ଖାଲଥି ଧାନ, ବିରି ଖେଶବ୍ ମିଲ୍‌ତ । ମାଇ କୁକୁରା ଫୁନି କଲ୍‌ହିଆର କାଥା ଥି ହଁ କେଲ ଆରୁ ଚିଆଁ ମେନକେ ଇ ଖାଲାଥି ଛାଡ଼ତେ ଆର୍ ଗୁଟେକ୍ ଖାଲାକେ ଉଧଲାବାର କେତେ କୁଲ୍‌ହିଆର ସୁଦା ଗଲ ।



ମାଇ କୁକୁଡ଼ାଟିଏ ତା'ର ମାଲିକ ଘରେ ଆଠ ଦଶଟା ଚିଆଁ ଧରି ରହୁଥାଏ । ସକାଳ ପାହିଲେ କୁକୁଡ଼ାଟି ମାଲିକର ଧାନ ଖଳାକୁ ଚିଆଁ  ମାନଙ୍କୁ ଧରି ଚଳିବାକୁ ଯାଏ । ସେହି ଖଳା ପାଖ ଦେଇ ବିଲୁଆଟିଏ ପ୍ରତିଦିନ ଠିଆ ହୋଇ ଘଡ଼ିଏ ମାଇ କୁକୁଡା ପ୍ରତି ଲୋଲୁପ ଦୃଷ୍ଟି ଦେଇ ଚାଲିଯାଏ । ଏମିତି ବିଲୁଆ ଓ କୁକୁଡ଼ା ପ୍ରତିଦିନ ଦେଖାଦେଖି ହେବା ଭିତରେ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ହେଲା, ଦୁହେଁ ମିତ ବସିଲେ । ବିଲୁଆ ଭାରି ଚତୁର ଓ ଦୁଷ୍ଟ ପ୍ରକୃତିର ଥିଲା । ଦିନେ କୁକୁଡାକୁ ବୁଲେଇ ଅନ୍ୟ ଏକ ଖଳାକୁ ନେଇଗଲା ଓ ମାରି ଖାଇ ଦେଲା । ଚିଆଁମାନେ ତାଙ୍କ ମାଁଙ୍କ ବାଟକୁ ଅନେଇ ସଂଧ୍ୟା ହୋଇଗଲା ।

ପିଲାଙ୍କ କଥା

**ବେଲ୍ ତୁକ୍‌ଡ଼ି ବେଲ୍‌କେ କୁଲ୍‌ହିଆ ଏକଲା ଆସବାର୍ ଦେଖତେ ଚିଆଁମେନେ ପଚାରକେଲେ – ମିତ ମାଁ ! ଆମର ମାଁ କାଁ କାଯେ ନା ଡ଼ିର୍‌ଲ ? କୁଲ୍‌ହିଆ ବଲ୍‌ଲ – ଏ ପୋ ମେନେ ! ତମର ମାଁ ଆସଛେତ ପୁତେ । ଖଣେକ୍ ରାତହତ ତମେମେନେ ଏ ଘେରର କୁନା ତି ଶଅତେରିଆ । ମୁଁଇଁ ତୁମର ମାଁ ଆସଲେ ମୁଇଁ ଆସତେଁ ହଲେ । ଚିଅଁ ମେନେ କୁଲ୍‌ହିଆର ଝୁଁଣଥି ରୁଧିର ଲାଗତେ ରେବାର୍ ଦେଖ୍‌ତେ ଖଣେକ୍ ଡରତେ ଗେଲେ ଆରୁ ତାଙ୍କର ମାଁନେ ଇ ଖା ଦେଲାଛେ ବଲତେ କାନ୍ଦଲେ । ଚିଅଁମେନେ ଡ଼ର୍‌ଡ଼ର୍‌ତେ ଘେରର କୁନାଥି ଶଲେ, ହଲେ ଆଧାରାତ୍ ହଲାକେ ଘେରର୍ କୁନା ଛାଡତେ ସେ ଘେରର ଚୂଲ ମୁଡ଼କେ ଶଅବାକେ ଗେଲେ । ଆର ଦିନ୍ ଭୋର ବେଲ୍‌କେ କୁଲ୍‌ହିଆ ଆସଲ ଆରୁ ଚିଅଁ ମେନକେ ପଚାରକେଲ – ଏ ପୁଢେ । ତମେ ମେନେ ଘେରକୁନାଥି ତୋ ନା ଥେଲାସ ? ମୁଇଁ ଆଧାରତ କେ ଆସାକେତେ ତମ୍‌କେ ନୁର୍‌ଲିଁ, କେନ୍ତା କେତେ ଶଅଲା ଛାସ୍ ବଲତେ । ଚିଅଁମେନେ ବଲଲେ- ମିତମାଁ ଗୋ ହେଦୋର କୁନାଥି ଖୋବ ଜାଡ଼ କେଲ ।**



ସନ୍ଧ୍ୟାରେ ବିଲୁଆ ଏକୁଟିଆ ଫେରି ଆସୁଥିବାରୁ ଦେଖି ଚିଆଁମାନେ ପଚାରିଲେ :– ମିତ ମାଁ ଆମର କାହିଁ ଏ ପର୍ଯ୍ୟନ୍ତ ଫେରିଲେ ନାହିଁ ? ବିଲୁଆ କହିଲା- ଚିଆଁମାନେ ତୁମର ମାଁ ତ ବହୁତ ବେଳୁ ଆସିଲେଣି ।। ବୋଧ ହୁଏ କେଉଁଠି ରହିଯାଇଥିବେ । ବିଲୁଆ କହିଲା- ଚିଆଁମାନେ ତୁମେ ଏବେ ତୁମର ମାଁଙ୍କୁ ଅପେକ୍ଷା ନ କରି ତୁମର ମାଲିକର ଘରକୁ ଯାଇ କେଉଁ ଘର କୋଣରେ ଶୋଇପଡ଼, ତୁମର ମା ଆସିବା ଡେରି ହୋଇପାରେ । ଚିଆଁମାନେ ବିଲୁଆର ମୁହଁରେ ରକ୍ତ ଲାଗିଥିବାର ଦେଖି ସବୁକଥା ବୁଝିଗଲେ ଏବଂ ଦୁଃଖରେ ତୁନି ରହିଲେ । ଚିଆଁ ମାନେ ଖଳାରୁ ଯାଇ ଘର କୋଣରେ ଶୋଇଗଲେ । ସେମାନଙ୍କ ମନରେ କିନ୍ତୁ ଶଙ୍କାଯାତ ହେଲା ଏବଂ ଅଧା ରାତିରୁ ଉଠି ସେମାନେ ଘର କୋଣରୁ ପାଖରେ ଥିବା ଚୂଲୀ ମୁଣ୍ଡରେ ଶୋଇଗଲେ । ବିଲୁଆ ସକାଳେ ଆସି ଚିଆଁମାନଙ୍କୁ ଦେଖି ପଚାରିଲା – ମୋ ସ୍ନେହର ଛୁଆମାନେ ତୁମେ ତ କାଲି ଘର କୋଣରେ ନ ଥିଲ ? ମୁଁ ରାତିରେ କେମିତି ଅଛ ବୋଲି ପଚାରିବାକୁ ଆସିଥିଲି । ବହୁତ ଖୋଜିଲି, ସବୁଆଡ଼େ ଅଣ୍ଡାଳି ଦେଖିଲି, ତୁମେମାନେତ ନ ଥିଲ ? ଚିଆଁମାନେ କହିଲେ- ମିତ ମାଁ ଘର କୋଣରେ ମା ନ ଥିବାରୁ ବହୁତ ଶୀତ ହେଲା ।

ହେତୁର ସୁତୁନ୍ ଆମେମେନେ ଏ ଚୂଲମୁଡ଼କେ ଯାତେ ଶଅଲୁଁ । କୁଲ୍‌ହିଆ ଶାରଧା ହତେ ବଲ୍‌ଲ :- ହଁ ପୁତେ ଠିକ୍ କେଲାସ୍ । ତମେମେନେ ସାବୁଦିନ୍ ହେ ଚୂଲ ମୁଡ଼େ ଶଅବାସ୍ । ଚିଅଁମେନେ ଡରତେ ଗେଲେ ଆରୁ ଗୁନାନ୍ କେଲେ ଯେ ଇ କୁଲ୍‌ହିଆ ଆସ୍‌ତେ ଆମ ମେନ୍‌କେ ଚୁଲମୁଡ଼ତି ଧେର୍‌ତେ ଖାଅ୍ଛ । ଏ ଛନ୍ ଚିଅଁମେନେ ଚୂଲମୁଡ଼ ଛାଡ଼ ଦେତେ ଛୁମେ ଥିବାର ତୁଟି ଥି କୁଚାକୁଚି ହତେ ଶଅଲାଛେସ୍ । ଠିକ୍ ଆଧା ରାତି ହଲାକେ କୁଲ୍‌ହିଆ ମିତ ମାଁ ଆସଲ ଆରୁ ଚିଅଁ ମେନକେ ଧେର୍‌ତେ



ମାଁ ଆମର ଆମ ସମସ୍ତଙ୍କୁ ତା'ର ଡେଣାରେ ଢ଼ାଙ୍କି ଶୁଆଉଥିଲା । ତେଣୁ ବହୁତ ଶୀତ ହେବାରୁ ପାଖ ଚୂଲି ମୁଣ୍ଡରେ ଶୋଇଗଲୁ । ବିଲୁଆ କହିଲା ଯା ହେଉ ବହୁତ ଭଲ କଲ । ଏବେ ସବୁଦିନ ସେଇ ଚୂଲି ମୁଣ୍ଡରେ ଶୋଇବ, ହଉ ମୁଁ ଆସୁଛି । କୁକୁଡ଼ା ଚିଆଁମାନେ ଏଥର ବିଲୁଆ ମିତଣୀ ମାଁର କହିବା ଉଦ୍ଦେଶ୍ୟ ବୁଝିଗଲେ । ଏଥର ରାତିରେ ଚୂଲି ମୁଣ୍ଡ ଛାଡି କାନ୍ଥରେ ଝୁଲୁଥିବା ମାଛ ପଲାରେ ଶୋଇଗଲେ । ବିଲୁଆ ଠିକ୍ ସେମିତି ରାତିରେ ଆସି ଚିଆଁ ମାନଙ୍କୁ ଧରି ଖାଇବାକୁ ଚୂଲି ମୁଣ୍ଡକୁ ଅଣ୍ଡାଳି ଦେଖିଲା ଯେ ଚୂଲି ମୁଣ୍ଡରେ ଚିଆଁ ମାନେ ନାହାନ୍ତି ।


ଖାବାକେ ଚୂଲ୍ ମୁଡ଼କେ ଖୁଜାତ୍ କେଲ । ଚୂଲ୍ ମୁଡ଼େ ଚିଅଁ ମେନକେ ନାଁ ପାତେ ଇଘୁତ ସେଘୁତ ଖୁଜାତ୍ କେଲ । ଖୁଜ୍‌ତେ ଖୁଜ୍‌ତେ କୁଲ୍‌ହିଆର ଗୋଡ଼୍ ତୁଟି ଟି ଠାଟେଇ ହଲ । ଚିଅଁମେନେ ତୋ ଡ଼େର୍‌ଡ଼େର୍‌ତେ ଶଅତେରଲ । ଯେନ୍ତା ତୁଟି ଚାଦାଲି ହଲ, ଚିଅଁମେନେ ତୁଟି ଥିବୁ ବାହାର ହତେ ଡୁର୍‌କେ ଉଡ଼୍‌ତେ ଭାଗତେ ଗେଲେ । ହଲେ, ସାନ ଚିଅଁପିଲା ଉଡ଼ି ନା ପାରଲ । ଏଛନ୍ ସାନ ଚିଅଁ ପିଲା କେ କୁଲ୍‌ହିଆ ଧେରଲ ଆରୁ କହଲ – ହାଁ, ତକେଏଛନ୍ ଧେରତେ ଖାମି । ସାନ ଚିଅଁ ପିଲା ସରପଟି ଗେଲ ଆରୁ ବଲ୍‌ଲ – ଏ ମିତ ଗାଁ ଦେଖନୁଁ । ମର ଗାଗର୍ ତି ସାବ୍ ଲୋଗ୍ ହାଗ୍ ଦେଲାଛେତ୍ । ମର ଗାଗର୍ ଖୋବ୍ ଗେନ୍ଧଛେ । ମିତ ମାଁ ! ତୁଇ ମକେ ପାନାଥି ଧୋ ଦେସ୍ ଆରୁ ଇ ଲାତ୍ ତି ବସାତେ ଶୁଖାତେ ଦେସ୍ ।



ତେଣୁ ବିଲୁଆଟି ଏପଟ ସେପଟ ଅଣ୍ଡାଳୁ ଥିବାବେଳେ ମାଛ ପଲାରେ ତା'ର ହାତ ବାଜିଗଲା । କୁକୁଡା ଚିଆଁମାନେ ବିଲୁଆ ଭୟରେ ମାଛ ପଲାରୁ ତେଇଁ ଯିଏ ଯୁଆଡେ ଉଡ଼ି ପଳାଇଗଲେ । ଛୋଟ ଚିଆଁଟିଏ ମାଛ ପଲାରୁ ବାହାରି ନ ପାରି ରହିଗଲା । ବିଲୁଆ ଛୋଟ ଚିଆଁକୁ ଖପ୍‌କିନା ଧରି କହିଲା- ହଁ ଏଥର ତୁ କୁଆଡ଼େ ଯିବୁ ? ମୁଁ ତୋତେ ଖାଇବି । କୁକୁଡା ଚିଆଁଟି ଯେତେ ନେହୁରା ହୋଇ ଛାଡ଼ି ଦେବାକୁ କହିଲେ ମଧ୍ୟ ବିଲୁଆ ଛାଡ଼ିଲା ନାହିଁ । ଶେଷରେ କୁକୁଡ଼ା ଛୁଆର ମୁଣ୍ଡରେ ଗୋଟିଏ ବୁଦ୍ଧି ଦିଶିଲା । କୁକୁଡା ଚିଆଁଟି କହିଲା – ମିତ ମା ! ମୋତେ ଖାଇବ ଯେ ଟିକିଏ ରୁହ । ଏଇ ଦେଖ ମୋ ଦେହରେ ବାକି ମୋର ଚିଆଁ ଭାଇମାନେ ହଗି ଦେଇଛନ୍ତି । ମାଛ ପଲାଟି ଛୋଟ ହୋଇ ଥିବାରୁ ଆମେ ସମସ୍ତେ ଜାକି ହୋଇ ଶୋଇଥିଲୁ ଓ ମୁଁ ସବା ତଳେ ଶୋଇଥିଲି । ମୋ ଦେହରେ ତାଙ୍କର ଗୁହ ଲାଗି ଅସନା ହୋଇଛି । ତେଣୁ ମୋତେ ଧୋଇଧାଇ ଦେଇ ସେହି କପଡ଼ା ଶୁଖା ବାଉଁଶ ଉପରେ ବସାଇ ଦେବ ।

ପିଲାଙ୍କ କଥା

ମର ଗାଗର୍ ଶୁଖିତେ ଗଲେ ତୁଇ ଲାଠ ତଲେ ଆଁ କେରତେ ରିକିସ୍ ଆରୁଁ ହାଁ ଫଶରତେ ଭିବସ୍ । ମୁଁ ପାନି ଶୁଖତେ ଗେଲେ ତର ହାଁ ପୀରବାର ଟଣେ ଟୋପାକେତେ ହାପିହମି । କୁଲ୍‌ହିଆ ଏଛନ ଶରଧା ହଲେ ହଁ କେଲ ଆରୁ ସାନ ଚିଅଁକେ ପାନିଥି ଧଅତେ ଲାଡ୍‌ତି ଶଖାତେ ଦେଲ । ଚିଅଁ ପିଲା ଲାଠ ଉପରେ ବସତେ ଖରା ତାପଛେ । ଚିଅଁ ପିଲା କୁଲ୍‌ହିଆ କେ ବଲ୍‌ଲ :- ମିତ ମାଁ ମର୍ ପାନି ଗାଗର୍ ନୁ ଶୁଖଲ ନେ । ତୁଇଁ ଆଁ କେର୍ ତଉ ଟୁଣ ଥିଝାପେଇ ହନା । କୁଲ୍‌ହିଆ ସତ୍ ବଲତେ ଆଁ କେଲ ଆରୁ ହାଁ ଫାରତେ ଦେଖିଛେ । ସାନଚିଅଁ ପିଲା ପାନି ଶଖବାରଷ୍ କୁଲ୍‌ହିଆ ଟୁଣେ ପୁଚ୍ ପୁଚ୍ କେତେ ହାଗିଦେଲ ଆରୁ ତୁରକେ ଖମନ କେ ଉଡ଼ତେ ଗଲ । କୁଲ୍‌ହିଆ ଭକୁଆ ହତେ ମୁଁହ ଶୁଖାତେ ଭାଗଲ ।



ସକାଳ ଖରା ବାଜିଲେ ମୋ ଦେହର ପାଣି ଶୁଖିଯିବ ଏବଂ ମୁଁ ସଫା ହୋଇଯିବି । ସେତେବେଳେ ଠିକ୍ ମୁଁ ବାଉଁଶର ବସିଥିବା ତଳକୁ ତୁମେ ପାଟି ଆଁ କରି ବସିଥବ । ମୁଁ ତୁମ ପାଟିରେ ଆପେ ଆପେ ବାଉଁଶରୁ ଖସି ପଡ଼ିଯିବି ଏବଂ ତୁମେ ଆରାମରେ ମୋତେ ଚୋବାଇ ଖାଇବ । ବିଲୁଆ ଖୁସି ହୋଇ ଉପରକୁ ଆଁ କରି ବାଉଁଶରେ ଚିଆଁ ବସିଥିବା ସ୍ଥାନରେ ଜଗି ରହିଲା । ଧୋଇ ଧାଇ ହୋଇ ଚିଆଁଟି ବାଉଁଶ ଉପରେ ବସିଥାଏ । ପାଣି ଶୁଖି ପର ତାର ଉଡ଼ିବାକୁ ହେଲାବେଳକୁ ଚିଆଁ କହିଲା- ମିତ ମାଁ ଆଁ କର ମୁଁ ପାଟିରେ ପଡ଼ିବି ତୁମର । ବିଲୁଆ ପାଟି ଆଁ କରି ଚିଆଁ ପଡ଼ିବା ବେଳକୁ ଚାହିଁଥାଏ । ଠିକ୍ ସେତେବେଳେ ବାଉଁଶ ଉପରୁ ବିଲୁଆର ପାଟିରେ ଚିଆଁଟି ଚୁପ୍‌ଚାପ୍ କରି ହଗି ଦେଇ ଉଡ଼ି ପଳେଇ ଗଲା ।

# ପଣକା ଗୁଡା (କପୋତ ବସା)

**ଗୁଟେକ ଗାଁର ବେଶମୁଡ଼ାତ୍ ରେଙ୍ଗାଲ ଗେଛରେଲ । ସେ ରେଙ୍ଗାଲ ଗେଛର ଖାନାଥି ପଣକା ଗୁଟେକ୍ ଗୁଡ଼ା ବାନାଲ ଆରୁ ଛୁଆ ଫୁଟାତେ ରେଲ । ଛୁଆ ମେନେ ଖଣେକ ବସି ହତେ ଚିଟାଁ କେଚର ମେଚର ହତରେତ । ରେଙ୍ଗାଲ୍ ଗେଛର ତୁମର ଆଁଟେ ଗାଏଚରା ପିଲାମେନେ ବସ୍ତେ ଗାଏ ଚରାତରତେ । ଦିନେକ୍ ଗାଏ ଚରା ପିଲାମେନେ ଖାନିଥି ପଣକା ଗୁଡ଼ାର ଚିଆଁ ମେନକେ ହିଟାବାକେ ଗେଛ୍ ଉପର୍ କେ ଚେଘଲେ । ପିଲାମେନେ ଖାନିର ଛୁମଛୁମ ହବାରଟା ଜାନ୍ତେ ପଣାକେ ଚିଆଁ ମେନେ ତାଭ୍କର କାନ୍ଦତେ ଡାକ୍ଦେଲେ । ମାଁ ଗୋମାଁ ପିଲାମେନେ ଆମର ଗୁଡ଼ା ଚୁମକେ ଆସଛେତ ନେ । ପଣକୁଲ ବଲ୍ଲ - ଆସୋତ ପୁତେ ଆସୁତ୍ ରେ ମୁଇଁ ପଣକୁଲ୍ ନାଇଁ ଜାନ୍ଲେଁ,**



ଗୋଟିଏ ଗାଁର ଶେଷ ମୁଣ୍ଡରେ ଉଚ୍ଚ ଶାଳ ଗଛଟିଏ ଥିଲା । ସେହି ଶାଳ ଗଛ ଡାଳରେ କପୋତ ଗୋଟିଏ ବସା ବାନ୍ଧି ତା'ର ଛୁଆ ମାନଙ୍କ ସହିତ ଖୁସିରେ ରହୁଥାଏ । ଶାଳ ଗଛ ପାଖରେ ଥିବା ପଡ଼ିଆରେ ଗାଈ ଜଗୁଆଳୀ ପିଲାମାନେ ଆସି ଗାଈ ଚରାନ୍ତି । ସେମିତି ଦିନେ ଗାଈ ଜଗୁଆଳି ପିଲାମାନେ କପୋତ ଗଛ ଡାଳରେ ବସା ବାନ୍ଧି ଥିବାର ଦେଖି ପାରିଲେ । ତାଙ୍କ ତାଙ୍କ ଭିତରେ ପିଲାମାନେ ଗଛରେ ଚଢ଼ି କପୋତ ବସାରେ ଥିବା କପୋତ ଛୁଆମାନଙ୍କୁ ଆଣି ପୋଡ଼ି ଖାଇବାକୁ ବିଚାର କଲେ । ଦୁଇଟା ଟୋକା ଶାଳଗଛ ଉପରକୁ ଚଢ଼ିବାକୁ ଆରମ୍ଭ କଲେ । ସେତେବେଳେ କପୋତଟି ଛୁଆ ପାଇଁ ଖାଦ୍ୟ ଯୋଗାଡ଼ କରିବାକୁ ଦୂରକୁ ଯାଇଥାଏ । କପୋତ ଛୁଆମାନେ ଗାଈ ଜଗୁଆଳୀ ପିଲାମାନେ ଗଛରେ ଚଢ଼ି

ବାଟେ ଛୁମେ ଗୁଡ଼ା ବନାଲେଁ । ତମେ ଆଗେମଲେ ମୁଇଁ ପେଛେ ମୁରମି । ଆର ଛନକେ ପିଲାମେନେ ଗୁଡା ଛୁମ ଛୁମ ହବାକେ ଚିଆଁମେନେ କାନ୍ଦଲେ- ମାଁ ଗୋମାଁ ପିଲାମେନେ ଆମର ଗୁଡ଼ାର ଛୁମ୍ ହଲେନେ । ପଣକୁଲ ବଲ୍‌ଲ - ଆସୋତ୍ ପୁତେ ଆସୁତ୍‌ରେ । ମୁଇଁ ପଣକୁଲ ନାଇଁ ଜାନ୍‌ଲେଁ, ଛୁମେ ଗୁନା ବନାଲେଁ । ତମେ ଆଗେ ମଲେ ମୁଇଁ ପେଛେ ମୁର୍‌ବି । ଆରଛନ କେ ପିଲାଗୁଡ଼ା ଯେତେକ୍ ଯାତେ ଚିଆଁମେନକେ ଧାରତେ ଗେଛକୁ ଭତରାକେରା ଚିଆଁ ମେନେକେ ପଡ଼ାବାର କାଜେ ଡାଲପତର ଠୁଲ କେଲେ ଆରୁ ଜୋଏ ଧରଲେ । ଚିଆଁମେନେ କାନ୍‌ଦଲେ – ମାଁ ଗୋ ମାଁ,



ତାଙ୍କ ପକ୍ଷୀ ବସା ପାଖକୁ ଆସୁଥିବାର ଜାଣି କପୋତ ମାଁକୁ ଡାକିଲେ- ମାଁ ଗୋ ମାଁ, ପିଲାମାନେ ଆମ ଗୁଡ଼ା ପାଖକୁ ଆସିଗଲେଣି । କପୋତଟି ଦୁଃଖରେ କହୁଥାଏ- ଆସନ୍ତୁ ଛୁଆମାନେ, ଆସନ୍ତୁରେ, ତୁମକୁ ଆଗେ ପୋଡି ଖାଇଲେ ମୁଁ ପଛେ ମରିବି । ଜଗୁଆଳ ପିଲାମାନେ ଆହୁରି ଉପରକୁ ଚଢ଼ି ପକ୍ଷୀ ବସାର ପାଖେଇ ଗଲେଣି । ଛୁଆମାନେ ମାଁ କୁ ଡାକିଲେ ମା ଗୋ ମା ପିଲାମାନେ ଆମକୁ ନେଇ ମାରିବାକୁ ଆସିଗଲେଣି । କପୋତ ମାଁ କହିଲା - ଆସନ୍ତୁ ସେମାନେ ଆସନ୍ତୁରେ ତୁମେ ଆଗେ ମରିଲେ ମୁଁ ତୁମ ପଛରେ ମରିବି । “ମୁଇଁ ପଣକୁଲ ନାଇଁ ଜାଣିଲିଁ, ବାଟେ ଗୁଡ଼ା ବନାଲିଁ” । ଜଗୁଆଳ ପିଲାମାନେ ପକ୍ଷୀ ବସା ପାଖରେ ପହଂଚି କପୋତ ଛୁଆ ମାନଙ୍କୁ ଧରି ଗଛ ଉପରୁ ତଳକୁ ଓହ୍ଲାଇବା ଆରମ୍ଭ

ପିଲାମେନେ ଆମନେ ଜୁଏଥି ପଡ଼ାଇ ଖାଏବାକେ ଆନଲେନେଁ । ପଣକୁଲ ଫୁନି କାଳତେ ବଲ୍‌ଲ- ଆସତେ ପୁତେ ଆସେତ୍‌ରେ । ତମେ ଆଗେ ମଲେ ମୁଇଁ ପେଛେ ମୁର୍‌ବି । ଖାଏଚରା ପିଲାମାନେ ଜୁଏ କେର୍‌ତେ ଚିଆଁ ମେନେକେ ପଡ଼ାଇ ଖାଏବାର୍ ବେଲ୍‌କେ ଚିଆଁମେନେ ଆରୁ କକାଳଲେ ମାଁ ଗୋ ମାଁ ଆମକେ ପିଲାମେନେ ମାର୍‌ତେ ଖା ବାକେ ବସଲେ ନେଁ । ପଶୁତଲୁ- ମାରୁତ୍ ପୁତେ ମାରୁତ୍ ରେ । ତମେ ଆଗେ ମଲେ ମୁଇଁ ତମର ପେଛେ ମୁରମି । ଛନେକ୍ ପେଛେ ହଲାକେ ପଣକୁଲ ଫୁନି ପିଲାମେନ୍‌କର ଜୁଏ ତି ହିଟି ପଡ଼ତେ ମରତେ ଗଲ ।



କଲେଣି । କପୋତ ଛୁଆମାନେ ବିକଳରେ କାନ୍ଦି ମାଁକୁ ଡାକି କାନ୍ଦିଲେ- ମାଁ ଗୋ ମାଁ ଆମକୁ ପିଲା ନେଉଛନ୍ତି ଗୋ ପୋଡ଼ି ମାରିବେ । କପୋତ ଦୁଃଖରେ ବାହୁନି କାନ୍ଦୁଥାଏ- ଆସନ୍ତୁ ପୁଣଏ ଆସନ୍ତୁରେ – ମୁଇଁ ପଣକୁଲନାଇଁ ବାଣ୍ଲିଁ ବାଟେ ଗୁଡା ବନାଲିଁ । ତମେ ଆଗେ ମଲେ ମୁଇଁ ପଛେ ମରମି । ଏବେ ଜଗୁଆଳ ଟୋକାମାନେ କପୋତ ଛୁଆ ମାନଙ୍କୁ ଆଣି ନିଆଁରେ ପୋଡିବା ଆରମ୍ଭ କଲେ । କପୋତ ଛୁଆମାନେ ବିକଳରେ କାନ୍ଦି ମାକୁ ଡାକିଲେ ମା ଗୋ ମା ଏବେ ଆମେ ନିଆଁରେ ପୋଡ଼ି ମରିଯିବୁ । କପୋତ ଅତି ଦୁଃଖରେ ରାସ୍ତା ପାଖ ଶାଳ ଗଛରେ ଭୁଲ୍‌ରେ ବସା ବାନ୍ଧିଥିବାର ଅନୁତାପ କଲା ଏବଂ ଜଗୁଆଳ ପିଲାମାନେ ନିଆଁ ଜାଳି ପୋଡ଼ି ଖାଉଥିବାର ସେହି ନିଆଁରେ ଛୁଆ ମାନଙ୍କ ମରିବା ଜାଣି ଝାସ ଦେଇ ମରିଗଲା ।

# ଖୋର୍କୋ ବୁଢ଼ା (ହିଂସୁକ ବୁଢ଼ା)

**ଗୁଟେକ ଗାଁ ଥି ଗୁଟେକ ଚାଷୀ ରେଲ । ସେ ଚାଷୀର ଆଁଟେ ଉଟେ ଧାନ, ମୁଙ୍ଗ୍, ବିରି, କାନ୍ଦୁଲ ବୁନ୍‌ତେ ବନେ ଚାଷ ଉଘାତେ ରିଏ । ଚାଷୀର ଆଁଟ ଗାଁର ବାଟର୍ ଛୁମେ ରେଲ । ବାଟଘାଟର ଚାଲଲା ଲୋକମେନେ ଚାଷୀର ଚାଷ ଦେଖତେ ଉଷତ୍ ହତେ ଚାଷୀର ସଙ୍ଗେ କଥା ହବକେ ଖୋବ୍ ମନ । ଲୋକମେନେ ସୁନା ଉଷତେ ହତେ ଚାଷୀର ସଂଗେ ମନ୍ କରିତା ହଲେ, ଚାଷୀ ଲୋକମେନ କର କଥା ଶୁନ୍‌ତେ ଶୁନ୍‌ତେ ଖୋର୍କୋ ହତରେ । ଚାଷୀ ଖୋର୍କୋ ହତରେ ସୁନା ଲୋକମେନେ ଉଷତ୍ ଥି କାଥା ହବାକେ ମକ୍ କରେତ୍ । ଦିନେକ୍ ଚାଷୀ ତା'ର ଆଁଟେ ନଙ୍ଗଲ୍ ଜୁତତେ କାନ୍ଦୁଲ ବନ୍‌ତେ ରେଲ । ଇ ସମିୟା କେ ବାଟ ଘାଟର ଚାଲଲା ଲୋକମେନେ ଚାଷୀକେ ପଚାର ଦିଏତ୍- କାଠଁଟା ବୁଲଛାସ ଉଏ ?**



ଗୋଟିଏ ଗାଁରେ ଗୋଟିଏ ଚାଷୀ ବିଲ ବାଡ଼ି ଚାଷ କରି ଖୁସିରେ ରହୁଥାଏ । ଛୋଟ ନାତି ପୁଅଟିଏ ତା'ର । ଗାଁକୁ ଲାଗି ରହିଥିବା ରାସ୍ତା ପାଖରେ ଚାଷୀର ଚାଷ ଜମି । ଗାଁ ପାଖରେ ଜମି ଥିବାରୁ ଚାଷ କରି ଜଗି ରଖି ଫସଲ ଅମଳ କରିବାକୁ ତାକୁ ସୁବିଧା ହୁଏ । ରାସ୍ତାରେ ଯାଉଥିବା ଲୋକମାନେ ଚାଷୀର ଚାଷକୁ ଦେଖି ଖୁସିରେ ତା ସହିତ ଦିପଦ କଥା ହୋଇ ତାଙ୍କ ବାଟରେ ଯାଆନ୍ତି । ଲୋକମାନେ ସିନା ଚାଷୀର ଚାଷରେ ଖୁସି ହୋଇ କଥା ହୁଅନ୍ତି କିନ୍ତୁ ଚାଷୀଟି ବାଟୋଇ ମାନଙ୍କ କଥାରେ ପଦେ ରୁ ଦି ପଦ କଥା ହେଲେ ବିରକ୍ତ ହୁଏ । ଚାଷୀ ଭାବେ ମୋ ଚାଷ କାମବେଳେ ଏଇ ଲୋକ ଗୁଡାକ ମୋତେ ଚାଷ କାମରେ ବାଧା ଦେଉଛନ୍ତି । କିନ୍ତୁ ଚାଷୀ ବୁଝି ପାରେନା ଯେ ଲୋକ ଗୁଡାକ ତା'ର ଚାଷ କାମରେ ଖୁସି ହୋଇ ତା' ସହିତ ଦିପଦ କଥା ହୋଇ ପ୍ରଶଂସା କରନ୍ତି ।

ଚାଷୀ ବଲେ – କାନ୍ଦୁଲ ଜୁଯେକ ବନଛେ ଭାଏ । ଇନ୍ତି ଇନ୍ତି କେତେ ଯେତେ ଲୋକମେନେ ଯାତେ ରେବେ ସାବୁ ଲୋକ ପଚରା କରେତ୍– କାଠଁଟା ଏଇଅର୍ ବୁନ୍ଛାସ୍ ହୋ ଭାଏ । ଚାଷୀ ଶୁନ୍ତେ ଶୁନ୍ତେ ଖୋର୍କୋ ହତେ ବଲ୍ତେ ଦିଏ । ଆରୁ ବୋଲେ ତୁମର ଆଁଖି ଫୁଟଲା ଛେ କେଁ ? ମୁଇଁ କାଏଁଟା ବଲଛେଁ ଯେ ନା ଦେଖିବାର କାଏଁ । ଇନ୍ତି ଇନ୍ତି କେତେ ଯେତେ ଲୋକ ଯାତେଲ ସବ୍ଲୋକ ପଚଫର କରେତ୍ – ଇସ୍ତୁର ସାଲେକାଁଟା ବନଛାସ ଭାଏ ? ଚାଷୀ ଆର ଜୋରସେ ଖୋର୍କୋ ହତେ ବଲେ – ମୁଇଁ କାଁଟା ବୁନଛେ ମୁଇଁ ଜାଣଲା ଛେଁ । ତମର କାଏଁଟା ଜାଛେ ? ମନେ ମରକାମକେ ନା ଅଟକା ହା ?



ଦିନେ ଏମିତି ଚାଷୀ ତା ଜମିରେ କାନ୍ଦୁଲ ବୁଣିବା କାମ କରୁଥାଏ । ଯିଏ ସେହି ଜମି ପାଖ ଦେଇ ଯାଏ, ଚାଷୀକୁ ପଚାରେ ଭାଇ ଏଥର କ'ଣ ବୁଣୁଛ ଜମିରେ ? ଚାଷୀ ଉତର ଦିଏ- ଭାଇ ଏଥର କାନ୍ଦୁଲ ବିହନ ବୁଣୁଛି । ଆଉ ଯେତେ ବାଟୋଇ ଯାଉଥିଲେ ସେମାନେ ମଧ୍ୟ ଚାଷୀଙ୍କୁ ପଚାରି ଦିଅନ୍ତି- ଭାଇ ଏ ବର୍ଷ ଜମିରେ କ'ଣ ବୁଣୁଛ ? ଚାଷୀ ପୁଣି କହେ- ଭାଇ କାନ୍ଦୁଲ । ଏମିତି ସେଇ ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ଦେଇ ଚାଷୀ ବିରକ୍ତି ପ୍ରକାଶ କରୁଥାଏ । ପୁଣି ଜଣେ ଜଣେ ଚାଷୀକୁ କ'ଣ ବୁଣୁଛ ବୋଲି ପଚାରନ୍ତି- ଚାଷୀ ଉତ୍ତର ଦିଏ, ଦେଖି ପାରୁନ ମୁଁ କ'ଣ ବୁଣୁଛି ? ମୋତେ ବିରକ୍ତ କରନା । ମୁଁ କ'ଣ ବୁଣୁଛି ମୁଁ ଜାଣେ । ତୁମର ସେଥିରେ ମୁଣ୍ଡ ଖେଳେଇବାର କ'ଣ ଅଛି ?

ସେ ସିନ୍ ବଲ୍‌ବାକେ ଶିବ ଭଗବାନ ସେ ବାଟ ଦେତେ ଯାତେରେଲେ ଚାଷୀ କ୍ଷେତେ ବୁନ୍‌ବାର ଦେଖ୍‌ତେ ପଚାର କେଲେ – କାଏଁଟା ବନଛାସ୍ ହୋ ଭାଏ ? ଚାଷୀ ତୋ ଖୋବ୍ ଖୋର୍କୋ ହତେରେଲନେ । ଗୁଟେ ଜଟିଆ ବୁଢ଼ାର ପଚାର ଶୁନ୍‌ତେ ବଲ୍‌ଲ – ତାର ବୁଆର ହାଡ ବୁନଛେ । ନ ଦେଖବାର ? ଜଟିଆ ବୁଢ଼ା ଶିବ ଭଗବାନ ବଲଲେ- ତଥାସ୍ତୁ । କେତେ ମାସ ଗଲା । ମର୍ଗଶିର ମାସ ଆସ୍ଲା । ଚାଷୀ ତା'ର କ୍ଷେତକେ ଯାତେ ଦେଖଲ ଯେ କାନ୍ଦୁଲ ଗେଛେ ହାଡ଼୍ ମେନେ ଫଲ୍‌ଲାଛେ । ଚାଷୀ ବୁଢ଼ା ମୁଡ଼େ ହାତେ ଦେତେ ଆଁଟେ ବସ୍‌ତେରେ । ମନେ ମନେ ଗୁନାନ୍ କେରତେ ରେ – ମୁଇଁ ତୋ କାନ୍ଦୁଲ ବୁନତେରିଲିଁ । ଇଁ ହାଡ଼୍ ମେନେ କେନ୍ଦ୍‌ ଆ କେତେ ଫଲ୍‌ଲ ? ବାଟ ଚାଲ୍‌ଲା ଲୋକ ମେନେ ଆର୍ ପଚାର କେରତ୍ ।



ଯୋଗକୁ ସେହି ବାଟରେ ଶିବ ଭଗବାନ ଗୋଟିଏ ଜଟିଆ ବୁଢ଼ା ବେଶରେ ଯାଉଥିଲେ । ଜଟିଆ ବୁଢ଼ାଟି ପଚାରୁ ପଚାରୁ ଚାଷୀକୁ କ'ଣ ଜମିରେ ବୁଣୁଛୁ ବୋଲି ପଚାରି ଦେଲେ । ଚାଷୀଟିର ମୁଣ୍ଡ ତ ଲୋକଙ୍କର ପ୍ରଶ୍ନର ଉତ୍ତର ଦେଇ ଦେଇ ବିରକ୍ତ ହୋଇ ଯାଇଥାଏ । ଜଟିଆ ବୁଢ଼ା ପ୍ରଶ୍ନର ଉତରରେ ଚାଷୀ ବିରକ୍ତରେ ରାଗିଯାଇ କହିଲା- ଏ ବୁଢ଼ା ଦେଖି ପାରୁନୁ ମୁଁ କ'ଣ ବୁଣୁଛି ? ତୋ ବାପାର ହାଡ଼ ବୁଣୁଛି । ଜଟିଆ ବୁଢ଼ା କିଛି ନ କହି ତଥାସ୍ତୁ ବୋଲି ଚାଲିଗଲେ । ଚାଷ କାମ ସରିଗଲା । ଅମଳ ସମୟ ଆସିଗଲା । ଚାଷୀ ଜମିରୁ ଦେଖେ ତ କାନ୍ଦୁଲ ବଦଳରେ ଗଛରେ ଟୁକୁରା ଟୁକୁରା ହାଡ ଫଳିଛି । ଚାଷୀର ହୋସ୍ ଉଡିଗଲା । ମୁଣ୍ଡରେ ହାତ ଦେଇ ଜମିରେ ବସି ପଡ଼ିଲା । ବାଟୋଇ ମାନେ କାନ୍ଦୁଲ ଚାଷ ତ ଭଲ ହୋଇଛି ଯେ କାହିଁକି ମୁଣ୍ଡରେ ହାତ ଦେଇ କାନ୍ଦୁଛି ବୋଲି ସାହାସ କରି ପଚାରିଲେ ଚାଷୀକୁ ।


ଭାଇ କାଏଁ କାଯେ ଶୁନାନ୍ କେରଛାସ୍ ? କାନ୍ଦୁଲ ତୋ ବନେ ପଲଲାଛେ । ଲୋକ ମେନ୍‌କେ କାନ୍ଦୁଲ୍‌ଗେଛେ କାନ୍ଦୁଲ୍ ଫଲ୍‌ବାର ଦିଶତେରେ, ହଲେ ବୁଢ଼ାକେ ସେ କାନ୍ଦୁଲ ହାଡ଼୍ ହାଡ଼୍ ଫଲ୍‌ଲା ବାଗିର୍ ଦିଶତେରେ । ଚାଷୀ ବୁଢ଼ା ଗୁନାନ୍ କେରତେ କେରତେ ସୋର କେଲ ଯେ - ସେ ଗୁଟେ ଜଟିଆ ବୁଢ଼ାର ପଚାର୍ କେ ଖୋର୍କୋ ହତେ ହାଡ଼୍ ବୁନଛେ ବଲ୍‌ତେ କତେରେଲ । ଏଛେନ୍ ବୁଢ଼ା ପଛତାଲ ଆରୁ ସେ ଜଟିଆ ବୁଢ଼ାକେ ସୋର କେର୍‌ତେ ମାଫ୍ ମାଙ୍ଗଲ । ଛେନ ବୁଢ଼ାର ଆଁଖକେ କାନ୍ଦୁଲ ମେନେ ଦିଶଲ ଆରୁ ବୁଢ଼ା ଶରଧା ହତେ ହାଁସଲ । ବୁଢ଼ାର ନାତି ଆସଲ ଧାରୁ ବୁଢ଼ାକେ କହଲ - ଦାଦା; ତମେ ତା'କେ ଫୁନି ଖୋର୍କୋ ନ ହବାସ୍ । ବନେକେତେ ଲୋକ ମେନକେ କାଥା ହବାସ ।



ଚାଷୀକୁ ଫଳ ଗୁଡାକ ହାଡ଼ ପରି ଦିଶୁଥାଏ କିନ୍ତୁ ବାଟୋଇ ମାନଙ୍କ ଆଖିକୁ ସେହି ଫଳ କାନ୍ଦୁଲ ପରି ଦେଖା ଯାଉଥାଏ । ଶେଷରେ ପଚାରୁ ପଚାରୁ ସେହି ଜଟିଆ ବୁଢ଼ାର ପ୍ରଶ୍ନର ଉତର ବୁଢ଼ା ହାଡ଼ ବୋଲି କହି ଥିବାର ମନେ ପଡ଼ିଲା । ଗାଁ ଲୋକଙ୍କୁ ବୁଢ଼ା ବିରକ୍ତ ହୋଇ ଉତର ଦେଇ ଥିବାରୁ ବହୁତ ଦୁଃଖ କଲା । ମନେ ମନେ ଜଟିଆ ବୁଢ଼ାକୁ ବିରକ୍ତ ହୋଇ ଉତ୍ତର ଦେଇ ଥିବାରୁ କ୍ଷମା ପ୍ରାର୍ଥନା କଲା । କ'ଣ ହେଲା କେଜାଣି ଏବେ ବୁଢ଼ାର ଆଖିକୁ ହାଡ଼ ବଦଳରେ କାନ୍ଦୁଲ ଫଳ ଫଳିଥିବାର ସ୍ୱଷ୍ଟ ଦେଖାଗଲା । ବୁଢ଼ା ଖୁସିରେ ଆଖି ଛଳ ଛଳ କରି ଶପଥ କରି କହିଲା- ଏ ଜଟିଆ ବାବୁ ମୁଁ ଆଜିଠାରୁ କାହା କଥାରେ ବିରକ୍ତି ପ୍ରକାଶ କରିବି ନାହିଁ । ମୋତେ ଉଚିତ୍ ଶିକ୍ଷା ଦେଲ । ଭଲ ବାଟ ଦେଖାଇଲ । ଚାଷୀର ନାତି ପିଲାଟି ବୁଢ଼ାର ଆଖିରୁ ତା ପିନ୍ଧା କନାରେ ଲୁହ ପୋଛି କହିଲା ଅଜା ! କେବେ କାହା ଉପରେ ଗରଗର ହେବ ନାହିଁ । ଭଲଭାବେ ଲୋକଙ୍କ ସାଙ୍ଗରେ କଥାହେବ ।

# ମଗରର ଘୁଲିଜାମ୍ ଖିଆ (କୁମ୍ଭୀରର ଜାମୁକୋଳି ଖିଆ)

**ଗୁଟେକ୍ ଗାଁର୍ ଛୁମେ ଛୁମେ ହତେ ନୁନ୍ଦୀ ଗୁଟେକ ଧାର୍ ଲମ୍‌ତେ ଯା ତେଲ । ସେ ନୁନ୍ଦୀର ଖଣ ଥି ଗୁଟେନ ଘୁଲିଜାମ ଗେଛ ଫଲ୍ ଭରତି ହତେ ରେଲ । ଛୁମର ପତ୍ର ଖମନ୍ ଭିତରେ ମାଙ୍କଡ ଗୁଟେକ ରେଲ । ସେ ମାଙ୍କଡ଼ ପିଲା ସାବଦିନ୍ ଥାକେରା ଘୁଲିଜାମ୍ ପାଚଲା ପାଚଲା ଟା ଖାତରେ ଆରୁ କଚା ଫଲ ମେନ୍‌କେ ନୁନ୍ଦୀର ପାନି ଗଛକୁ ଭରଲେ ଫିଙ୍କ୍‌ତେ ଦେ ତେଲ । ସେ ନୁନ୍ଦୀର ପାନିର ଥି ଗୁଟେକ୍ ମଗର ରହତେଲ ଆରୁ ସେ ସାବୁଦିନ ଆସ୍ତେ କାଚା କାଚା ଘୁଲିଜାମ କାତରେ । ଇନ୍ତି ଇନ୍ତି କେତେ ମାକଡ଼ ଆରୁ ମଗର ଜନାଜୁନି ହଲେ ଆରୁ ମିତ କସ୍‌ଲେ । ଦିନେକର୍ ମଗର୍ ମାକଡ଼୍‌କେ ପାଚଲା ଘୁଲିଜାମ୍ ଖାବାକେ ମାଙ୍ଗଲ । ହେଲେ ମାକଡ଼ ତା'ର ମିତର ମନକେ ନା ଜାନଲ ଆରୁ ପାଚଲା**




ଗୋଟିଏ ଗାଁ ପାଖ ଦେଇ ନଦୀଟିଏ ବୋହି ଯାଇଥାଏ । ନଦୀ କୂଳରେ ଜାମୁକୋଳି ଗଛ । ଜାମୁ କୋଳି ଗଛରେ ଭର୍ତି ହୋଇ ଜାମୁକୋଳି ଫଳ ଫଳିଥାଏ । ନଦୀ ପାଖ ପତ୍ର ଜଙ୍ଗଲରେ ମାଙ୍କଡ଼ଟିଏ ଗଛ ଉପରେ ବସା କରି ରହିଥାଏ । ପ୍ରାୟ ସବୁଦିନ ମାଙ୍କଡ଼ଟି ଜାମୁ ଗଛରେ ଚଢ଼ି ପାଚିଲା ଜାମୁ କୋଳି ଖାଏ ଏବଂ କଞ୍ଚା ଗୁଡ଼ିକ ତଳକୁ ଫୋପାଡ଼ି ଦିଏ । ସେହି ନଦୀ ପାଣିରେ କୁମ୍ଭୀରଟିଏ ରହୁଥାଏ । କୁମ୍ଭୀରଟି ଦିନେ ଦିନେ ଆସି କଂଚା ଜାମୁକୋଳି ଖାଏ । ଏମିତି ମାଙ୍କଡ଼ ସଦାବେଳେ ପାଚିଲା ଖାଏ ଏବଂ କଂଚା ଫଳ କୁମ୍ଭୀରକୁ ଦିଏ । ଦେଖା ସାକ୍ଷାତ ଭିତରେ ମାଙ୍କଡ଼ ଓ କୁମ୍ଭୀର ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଗଲା । ତେଣୁ କୁମ୍ଭୀର ଭାବିଲା ଯା ହେଉ ତାକୁ ଏବେ ତା'ର ମାଙ୍କଡ଼ ବନ୍ଧୁ ନିଶ୍ଚୟ ପାଚିଲା ଫଳ ଖାଇବାକୁ ଦେବ । କିନ୍ତୁ ମାଙ୍କଡ଼ଟି ଭାରି ସ୍ୱାର୍ଥପର ଥିଲା । କୁମ୍ଭୀର ବନ୍ଧୁ ଯେତେ ନେହୁରା ହୋଇ ପାଚିଲା

ଘୁଲିଜାମ ମୁଇଁ ଖାମି । ମୁଇଁ କାହାକେ ଫୁନି ନା ଦିଏଁ କଲା । ମଗର ଜଲ୍ ପର୍‌ତେ ରେଲ ଆରୁ ମାକଡ଼୍ କେ ମନେ ମନେ ରିଷାଲ । ହଲେ ମାକଡ଼୍ ତା'ର ମଗର ମିତକେ କହଲ- ଦେଖ ମିତ । ମୁଇଁ କେନ୍ତା କେତେ ଗେଛକେ ଚାଘ୍‌ତେ ଘୁଲିଜାମ୍ ତୁଲଛେଁ । ଆରୁ ମୁଇଁ ବନେ ବନେ ଟା ନା ଖା' କର୍ ତମ୍‌କେ କେନ୍ତା କେତେ ଘୁଲିଜାମ ଦିମି । ମିତ ! ତମେ ପାଚଲା ଘୁଲିଜାମ ଖା ବାକେ ହଲେ ଗେଉ ଉପରକେ ଚେଘ୍‌ତେ ଆସା । ମଗର ଆରୁ କାଠଁ କେତ ତୁମ୍ମ ପରତେ ରିଏ ଆରୁ ମନେ ମନେ ମାକଡ଼୍ କେ ରିଷାଲ । ଦିନେକ୍ କର କାଥା ମାକଡ଼୍ ପିଲା ଇଖାନି ନୁ ସେ ଖାନି ଲହଁପ୍‌ତେ ଗେଡ଼୍ ଛିଙ୍ଗଲ୍‌ତେ ଗଲ ନ୍ନୀର ପାନିଥି ହିଟୀ ପଡ଼୍‌ଲ । ମଗର୍ ତୋ ଜଲ୍ ପର୍‌ତେ ଟାକ୍‌ଲେ ରେଲ –



ଫଳ ମାଗିଲେ ମଧ୍ୟ ମାଙ୍କଡ଼ କେବେ ଦିଏନି । ବଂର ସେ କୁମ୍ଭୀରକୁ ଚିଡେଇଲା ପରି କହେ– ଦେଖ ବନ୍ଧୁ ମୁଁ କେତେ କଷ୍ଟରେ ଗଛ ଉପରେ ଚଢ଼ି ଏ ଡାଳରୁ ସେ ଡାଳ ହୋଇ ପାଚିଲା ଫଳ ତୋଳୁଛି ମୁଁ ପାଚିଲା ନ ଖାଇ ତୁମକୁ କେମିତି ଦେଇ ପାରିବି । ଯଦି ତୁମର ପାଚିଲା ଫଳ ଖାଇବାକୁ ଇଚ୍ଛା ତା' ହେଲେ ତୁମେ ଗଛ ଉପରକୁ ଚଢ଼ି ଆସୁନ ! କୁମ୍ଭୀର ବା କେମିତି ଗଛ ଉପରକୁ ଚଢ଼ି ପାରିବ ? ତେଣୁ ଚୁପ୍ ରହେ ସିନା ମନେ ମନେ ତା'ର ମାଙ୍କଡ଼ ବନ୍ଧୁ ପ୍ରତି ରାଗିବାକୁ ବସିଲା । ସୁବିଧା ପାଇଲେ ମାଙ୍କଡ଼ ବନ୍ଧୁକୁ ପାନେ ଦେବାକୁ ସୁବିଧା କରି ସୁଯୋଗ ଉଣ୍ଡୁଥାଏ । ମାଙ୍କଡ଼ର ଦୁର୍ଯୋଗକୁ ମାଙ୍କଡ଼ ଏ ଡାଳରୁ ସେ ଡାଳ ଡ଼େଇଁ ଡ଼େଇଁ ପାଚିଲା ଫଳ ତୋଳୁ ତୋଳୁ ଗୋଡ଼ ତା'ର ଡ଼ାଳରୁ ଖସିଗଲା ଓ ମାଙ୍କଡ଼ଟି କୋଳି ଗଛ ମୂଳ ନଦୀ କୂଳରେ ପଡିଗଲା । କୁମ୍ଭୀର ତ ସୁଯୋଗ ଖୋଜୁଥାଏ । ଏବେ ଖପ୍‌କିନା ମାଙ୍କଡ଼ର ଗୋଟିଏ ଗୋଡକୁ ଧରି ପକାଇଲା

ଯେନ୍ତା ମାକଡ଼ ପିଲା ଯାନିଥି ପଡ଼ଲ ମଗର୍ ମାକଡ଼୍‌ର ଗେଡ଼ କେ ଧେର୍‌ଲ ଆରୁ ମାକଡ଼୍‌କେ ଖାମି ବଲତେ କଅଲ । ମାକଡ଼ ବୁଦ୍ଧିକେଲ ଆରୁ ବଲ୍‌ଲ:- ହାଁ ମିତ ! ତମେ ମକେ ଖାବାର କେ ମର୍ ଗେଡ଼ ସୁନା ଧାରିରେଲ ଖା ତେତ । ତମେ ତୋ ଘୁଲିଯାମର ଚେର୍‌କେ ଧେରଲ୍‌ା ଛାସ୍ । ମଗର ଗେଡ଼ ଧେରବାର ବାହଣଗଲେ ବଲ୍‌ତେ ମାକଡ଼୍ ଗେଡ଼ ଛାଡ଼ଦେଲ ଆରୁ ଘୁଲିଜାମ୍ ଚେର୍‌କେ ଧେରଲ୍ । ମାକଡ଼ ପାନିର ଭିତରେ ପୁଡ଼ଦୁଙ୍ଗ୍ କେତେ ଭଟାକେ ଡେଗାଲ ଆରୁ ଖମନ୍‌କେ ଉଚକୁଣତେ ଉଚକୁଣତେ ଭାଗତେ ଗଲ । ତା'ର ଆର୍ ଦିନେ ମାକଡ଼ ଘୁଜିଲାମ୍ ଗେଛ ତଲବେ ଆସ୍ତେ ମଗରକେ ବଏଲ ଏ ମଗର ତୁଇ ମର ମିତ ନା ହାବିସ୍ । ଏବେ ଘୁଜିଲାମ୍ ଖାନେ । ମଗର ଆରୁ କାଁ କେତେ ମୁହଁ ଶୁଖାତେ ପାନି ଭିତର୍ କେ ଗଲ ।



ଏବଂ ପାଣି ଭିତରକୁ ଭିଡ଼ିଲା । କୁମ୍ଭୀର ମାଙ୍କଡ଼ ବନ୍ଧୁକୁ ରାଗରେ କହିଲା- ବନ୍ଧୁ ତୁ ସିନା ମୋତେ ପାଚିଲା ଫଳ ଦେଲୁ ନାହିଁ । ଏବେ ମୁଁ ତୋତେ ଖାଇ ପାଚିଲା ଫଳ ଖାଇବାର ମଜା ନେବି । ମାଙ୍କଡ଼ଟି ବୁଦ୍ଧିଆ, ତେଣୁ ଉପାୟଟିଏ ପାଂଚି କୁମ୍ଭୀର ବନ୍ଧୁକୁ କହିଲା- ବନ୍ଧୁ ତୁମେ ମୋ ଗୋଡ଼କୁ ଧରି ପାରିଥିଲେ ସିନା ମୋତେ ନେଇ ଖାଇଥାନ୍ତୁ, ତୁମେ ତ ଜାମୁ ଗଛର ଚେରକୁ ଧରିଛ । ମୋ ଗୋଡ଼କୁ ବୋଇଲେ ଜାମୁ ଚେରକୁ ଧରିଲୁ । ଖା, ଖା, ଏବେ ମୋତେ ଖା । କୁମ୍ଭୀର ଭୁଲ୍‌ରେ ଜାମୁ ଗଛର ଚେରକୁ ଧରିଛି ଭାବି ମାଙ୍କଡ଼ର ଗୋଡ଼କୁ ଛାଡ଼ି ଜାମୁ ଗଛର ଚେରକୁ ମାଙ୍କଡ଼ର ଗୋଡ଼ ଭାବି ଧରିଲା । ଏବେ କୁମ୍ଭୀରର କବଳରୁ ମୁକ୍ତି ପାଇଁ ଗୋଟିଏ ଡିଆଁ ମାରି ନଦୀ କୂଳରେ ପହଂଚିଗଲା । ନଦୀ କୂଳରେ ପହଁଂଚି ମାଙ୍କଡ଼ ଚଢ଼େଇ କହିଲା;- ଧୋକାବାଜ୍ ବନ୍ଧୁ; ଏବେ ଖା । ଆଉ କେବେ ମୋ ସାଙ୍ଗରେ କଥା ହେବୁ ନାହିଁ । କୁମ୍ଭୀରଟି ନିଜ ଧୋକାବାଜ୍ ପଣ ସକାଶେ ଦୁଃଖ କଲା ଓ ମାଙ୍କଡ଼ ପରି ବନ୍ଧୁଟିଏ ହରାଇ ମୁହଁ ଶୁଖାଇ ପାଣି ଭିତରକୁ ପଳାଇ ଗଲା ।


# ମଗର ଆରୁ କାଠବିକୁ (କୁମ୍ଭୀର ଓ କାଠ ବିକାଳି)

ଗୁଟେକ୍ ଦେଶର ରଜା ତା'ର ବଡ଼ ପୋ କେ ବିହାକେତେଲ । ରଜାଘେରର୍ ବିହା ଛ' ସାତ ଦିନ ହେଲ ଭୁଜିଭାତ ଚାଲ୍ତେ ରିଏ । ସାମୁଦିନର ଭୁଜିଭାତର ଖାଲି ଚୁଖନୀ ମେନ୍କେ ରଜାର ହଲଇଆ ମେନେ ଛୁମର ନୁନ୍ଦୀ ଖଣଥି ଫିନ୍ତେ ଦେତେ ରିଏସ୍ । ସେ ନୁନ୍ଦୀର ପାନିଧି ଗୁଟେକ୍ ମଗର ରହତେଲ । ସେ ମଗର୍ ସବ୍ଦିନ୍ ନୁନ୍ଦୀର ପାନିକୁ ଭାଟାକେ ବାହାର ହତେ ଆଁଠି ଖଲି ଚୁଁଖନୀ ଚାଟତେ ଖାତେ ଖଲି ଚୁଖନୀ ତଲେ ତାପି ହତେ ରହତେଲ । ଗାଁର କୁକୁର, କୁଲ୍ହିଆ ଖଲି ଚୁଖନୀ ଚାଟ୍ ବାନେ ଆସ୍ତେ ତୋ କଲି ଚୁଖନୀ ଖିରଖିରା ହତେ ଦେଖେ ଭୋକେ ପାଲାତେ ଯାତେଲେ ।



ଗୋଟିଏ ଦେଶର ରାଜା ଯୁବରାଜଙ୍କୁ ବାହା କଲେ । ରାଜା ବାହାଘର ଧୁମ୍‌ଧାମ୍‌ରେ ଛ' ସାତ ଦିନ ଲାଗି ଭୋଜି ଭାତର ଆସର ଚାଲିଥାଏ । ରାଜାଘର ପାଖରେ ନଦୀଟିଏ । ଭୋଜି ଖାଇ ସାରିଲା ପରେ ରାଜାଘର ଚାକର ମାନେ ଅଇଁଠା ଖଲିପତ୍ର ନଦୀ ପାଖରେ ଫିଙ୍ଗିଦେଇ ଆସନ୍ତି । ଏମିତି ଛ' ସାତ ଦିନର ଅଇଁଠା ପତ୍ର ଗଦା ହୋଇ ପଡ଼ିଥାଏ । ନଦୀ ପାଣିରେ ରହୁଥିବା କୁମ୍ଭୀରଟିଏ ରାତିରେ ପାଣିରୁ ବାହାରି ଆସି ଖଲିପତ୍ରର ଅଇଁଠା ସବୁ ଖାଇଦିଏ ଏବଂ ଖଲିପତ୍ର ତଳେ ଦିନଯାକ ଲୁଚି ରହିଥାଏ । ସକାଳୁ କୁକୁର ବିଲୁଆ ଆସି ଦେଖନ୍ତି ତ ଅଇଁଠା ପତ୍ର ଗୁଡ଼ିକ ସଫା ହୋଇଯାଇଥାଏ । ସେମାନେ ଅଇଁଠା ପତ୍ରରୁ କାଣିଚାଏ ମଧ୍ୟ ନ ପାଇ ଭୋକରେ ପଳାଇଯାନ୍ତି ।

**ଦିନେକ୍ କୁକୁର ଆରୁ କଲ୍‌ହିଆ ଆଁଠା ଖଲି ଚୁଖନୀ ଚାଟବାକେ ଆସ୍ତେ ତୋ ଖଲି ଚୁଖନୀ ଖି୍ରଖି୍ରା ଆରୁ ତା’ର ତଲେ ମଗର ଗୁଯେକ ଖଅଲାଛେ । କୁକୁର ଆରୁ କୁଲ୍‌ହିଆ ମଗର୍‌କେ ରିଷାଲେ ଆରୁ ଜୋଏଁ ଖଣେକ୍ ଆନତେ ଖଲି ଚୁଖନୀ ଉପରେ ଧାରେଇ ଦେଲେ । ଖଲି ଚୁଖନୀ ଜୁଏଥି୍ ମଗର ଫୁନି ଆଧା ପଡ଼ପଡ଼ା ହଲ ଆରୁ ଛଟପଟ ହତେରେ । ଇ ସମିୟା ଥି୍ ଗୁଟେକ୍ କାଠିବକୁ ହରିଆ ସେ ବାଟେ ଖମନ୍ କେ କାଠ ଥାନ୍‌ବାକେ ଯା ତରେ । ମଗରୁ କାଠିବକୁ ହରିଆ କେ ଜୁଆର କେତେ ବଲ୍‌ଲ :- ଏ ଭାଏ ମୁଇଁ ଜୋଏ ଥି୍ ପୁଡ଼୍‌କେ ଗୁଲିଁ । ମନେ ଛନେକ୍ ହେ ନୁଙ୍କାର୍ ପାନିକେ କେତେ ଦେଲାମ୍ କେଁ ।**



ଦିନେ କୁକୁର ଓ ବିଲୁଆ ଖଲିପତ୍ର ଗଦା ତଳେ କୁମ୍ଭୀର ଲୁଚି ରହି ଥିବାର ଦେଖି ପାରିଲେ । ସେମାନ କୁମ୍ଭୀରକୁ ପାନେ ଦେବା ପାଇଁ ଶୁଖିଥିବା ଅଇଁଠା ଖଲି ଗଦାରେ ନିଆଁ ଲଗାଇ ଦେଲେ । ନିଆଁ ହୁତୁହୁତୁ ହୋଇ ଜଳିଲା । ତା’ ସାଙ୍ଗରେ କୁମ୍ଭୀର ମଧ୍ୟ ଅଧା ପୋଡିଗଲା । କୁମ୍ଭୀରଟି ଦରପୋଡ଼ା ହୋଇ ସେଇଠି କଷ୍ଟରେ ଛଟପଟ ହେଉଥାଏ । ସେତେବେଳେ ସେଇ ରାସ୍ତା ଦେଇ ଜଣେ କାଠୁରିଆ ବଣକୁ ଯାଉଥାଏ । କୁମ୍ଭୀରଟି କାଠୁରିଆକୁ ଦେଖି କାକୁତି ହେଇ କହିଲା – ଏ କାଠୁରିଆ ଭାଇ ମୁଁ ଦରପୋଡ଼ା ହୋଇ ବହୁତ କଷ୍ଟ ପାଉଛି ଦୟାକରି ମୋତେ ବୋହି ନେଇ ନଦୀ ପାଣି ଭିତରେ ଛାଡି ଦିଅନ୍ତ କି ?

**କାଠବିକ୍ରୁ ହରିଆ ମଗରର ଛଟପଟ ହତେ ଦେଖଲ ଆରୁ ଆହା କେତେ ମଗର କେ ଖନ୍ଦେ ବହତେ ନୁନ୍ଦୀର ପାନିକେ ନେଲ । ନୁନ୍ଦୀର ପାନିର ଛୁମକେ ପହଁଚ ତେ ହରିଆ ମଗର୍ କେ ପାନିକେ ଭାଗନେ ବଲ୍‌ତେ କହଲ । ମଗର କାଠବିକ୍ରୁ ହରିଆ କେ ଛାତେକ୍ ପାନିକେ କେତେ ଛାଡ଼ତେ ଦେବାକେ ଜୁଆର କେଲ । କାଠବିକ୍ରୁ ହରିଆ ମଗରକେ ଛାତେକ୍ ପାନିକେ କେତେ ପାନି ଥି ଉତର୍‌ବା କେ କହଲ । ମଗର ପାନି ଭିତର୍‌କେ ଆତେ କାଠବିକ୍ରୁ ହରିଆ କେ ଖାମି ବଲ୍‌ତେ କହଲ । କାଠବିକ୍ରୁ କହରିଆ ମୁକୁଡ଼ତୁମ୍ ହତେ ଗଲ କତା ସୁନ୍‌ତେ । କାଠ ହରିଆ ବୁଦ୍ଧିକେଲ ଆରୁ ଦଏଲ- ହଁ ଭାଏ ମନେ ଖା ବାସ୍ ଯେ,**



କାଠୁରିଆ ବୁଢ଼ାଟି କୁମ୍ଭୀରର କଷ୍ଟ ବୁଝିପାରି କୁମ୍ଭୀରକୁ କାନ୍ଧରେ ବୋହି ନଦୀ ଆଡ଼କୁ ଚାଲିଲା । ନଦୀ ପାଖରେ ପଂହଚି କାଠୁରିଆଟି କୁମ୍ଭୀରକୁ ନଦୀ ପାଣିକୁ ଚାଲିଯିବାକୁ କହିଲା । କୁମ୍ଭୀରଟି ତା'ର ପାଦଗୁଡ଼ିକ ନିଆଁରେ ପୋଡି ଯାଇଥିବାରୁ ବୁଢ଼ାକୁ ଛାତିଏ ପାଣିକୁ ବୋହି ନେଇ ଛାଡି ଦେବା ପାଇଁ ପୁଣି ନେହୁରା ହେଲା । କୁମ୍ଭୀରକୁ କାଠୁରିଆ ପୁଣି କାନ୍ଧରେ ବୋହି ଛାତିଏ ପାଣିକୁ ଯାଇ କୁମ୍ଭୀରକୁ ପାଣିକୁ ଚାଲିଯିବାକୁ କହିଲା । ଏଥର ଦୁଷ୍ଟ କୁମ୍ଭୀରଟି ପାଣି ପାଇଲା ପରେ ବଳ ଆସିଗଲା । କୁମ୍ଭୀରଟି କାଠୁରିଆର କାନ୍ଧରୁ ନ ଓହ୍ଲାଇ କାଠୁରିଆକୁ କହିଲା – ଏଥର ମୋତେ ଭୋକ ହେଉଛି ତୋତେ ଖାଇବି । କାଠୁରିଆଟି ବିଚରା କୁମ୍ଭୀରଟିର ଏପରି ବ୍ୟବହାର ଓ ଦୁଷ୍ଟ ପ୍ରକୃତି ଜାଣି ଅବାକ୍ ହୋଇଗଲା । କାଠୁରିଆ ବୁଦ୍ଧି ପାଞ୍ଚି କୁମ୍ଭୀରକୁ କହିଲା – କୁମ୍ଭୀର ଭାଇ ତୁମେ ଅନୁରୋଧ କରିବାରୁ ମୋର କାମ ଛାଡ଼ି

ଚାଲା ପାନିର୍ ନୁ ଭାଟା ୟୁଁ ଆରୁ ମୁଇଁ ମର ଟଙ୍ଗିଆ, ଭାଙ୍ଗ, ଧୁତି କଣଥି ଥୋ ତେ ଦିମି ଆରୁ ତମେ ମକେ ତେନେ ଖାଏବାସ୍ । ମଗର ପୁନି ଶାରଧା ହତେ ଭକୁଆ ବାଗିର ହଁ କେଲ ଆରୁ ହରିଆର ସୁଦା ପାନିରକୁ ଉଟାକେ ଆସଲ । ଏଛେନ୍ କାଠବିକୁ ହରିଆ ମଗରକେ ପାନି ଭିତରନୁ ଆର୍ପାରେକ୍ ଭାଟାକେ ଆନଲ । ଯେନ୍ତା ପାନିର୍କୁ ମଗର୍କେ କାଠ ହରିଆ ଭାଟା ବହତେ ଆନଲ । ଆରୁ ମଗରକେ ଭାଟାକୁ ଖାନ୍ଦ୍ର କୁ ଆନ୍ତେ ଖାଚକ୍ ତେ ଦେଲ ଆରୁ ତା'ର ଖନ୍ଦର ଟାଙ୍ଗିଆ ଥି ମଗରକେ କୁଟକୁଟା କେତେ ବୁଝଲ । ମଗର ମର୍ତେ ଗଲ । କାପ ହରିଆ ଖମନ୍ କେ କାଠ ଆନତେ ଗଲ ।



ତୁମକୁ ଆଣି ପାଣିରେ ଛାଡ଼ିଲି । ଏବେ ତୁମେ ଏପରି କଥା କେମିତି କହି ପାରୁଛ ? ଯଦି ତୁମେ ମତେ ଖାଇବ ତା' ହେଲେ ନଦୀ ପଟାକୁ ଚାଲ, ସେଠି ଲୁଗାପଟା, ଟାଙ୍ଗିଆ ଇତ୍ୟାଦି ଫିଙ୍ଗିଦେବି । ତା' ପରେ ମୋତେ ଖାଇବ । ଦୁଷ୍ଟ କୁମ୍ଭୀର ଖୁସିରେ ରାଜି ହେବାରୁ କାଠୁରିଆଟି କୁମ୍ଭୀରକୁ ପାଣି ଭିତରୁ ପଦାକୁ ଆସିଲା, କୁମ୍ଭୀରକୁ କାନ୍ଧରୁ ତଳକୁ କଚାଡ଼ି ଦେଲା ଏବଂ କାନ୍ଧରେ ଧରିଥିବା ଟାଙ୍ଗିଆରେ କୁମ୍ଭୀରକୁ ହାଣି ପକାଇଲା । କୁମ୍ଭୀରଟି ମରିଗଲା । କାଠୁରିଆ ବଣକୁ କାଠ ହାଣିବାକୁ ଗଲା ।

# ଘଂଜା ନୂରା (ଜୋଇଁ ଖୋଜା)

ଗୁଟେକ୍ ଗାଁ ଥି ବୁଢ଼ା ଗୁଟେକ ରେଲା । ତା'ର ବୁଢ଼ୀ ଖୋବ୍‌ଦିନୁ ମରତେ ଯାତେଲ । ବୁଢ଼ାର ଗୁଟେକ୍ ଧାଙ୍ଗରୀ ଟୁକେଲ ରେଲ । ଟୁକେଲ୍ କୋ ବିହା କେରଦେଲେ ଫଁଶବ୍‌ଟି ବୋଲତେ ବୁଢ଼ା ଘଂଜା ଗୁଟେକ ନୂରତରେ । ଘଂଜା ନରତେ ନରତେ ବାଟ ତି ବରହା ଗୁଟେକ ଭେଟ ପାଆଲ । ବୁଢ଼ା ବରହାକେ ଦେଖତେ ପାଚାରଲ- ଏ ବୁଆ, ତୁଇ ମର ଟୁକେଲ କେ ବିହା ହୁବିସ୍ କେଁ । ବାର୍‌ହା ହଁ କେଲ ଆରୁ ବୁଢ଼ା କେ ତା'ର ଘେରକେ ଖା' ବାକେ ଡାକ୍‌ତେ ନେଲ । ରାନ୍ଧା ବେଲକେ ବରହା ତେଲ ନାଇକେଁ ବଲତେ ତା'ର ଦୁଇଟା ହାତ୍‌କେ ରାନ୍ଦବାର କରହି ଥି ରଖ୍‌ତେ ଦେଲ । ବାର୍‌ହା ତୋ ବଂଶ ବଂଶ ତି ତୋ ଧୁମା ହତେରେଲ ।



ଗୋଟିଏ ଗାଁ ରେ ବୁଢ଼ାଟିଏ ଥିଲା ବୁଢ଼ୀ ଆଗରୁ ମରି ଯାଇଥାଏ । ବୁଢ଼ାର କିନ୍ତୁ ଯୁବା ଝିଅଟିଏ ଥାଏ । ଝିଅକୁ କୋଉଠି ବାହାଦେଇ ପାରିଲେ ବୁଢ଼ା ସୁସ୍ଥରେ ରହିବ ବୋଲି ଜୋଇଁ ଖୋଜୁଥାଏ । ଜୋଇଁ ଖୋଜିଯିବା ବାଟରେ ପ୍ରଥମେ ଗୋଟିଏ ବାର୍‌ହାକୁ ଭେଟିଲା, ବୁଢ଼ା ବାର୍‌ହାକୁ ଦେଖି ପଚାରିଲା – ବାର୍‌ହା ବାବୁ ତୁ ମୋ ଝିଅକୁ ବାହା ହେବୁ କି ବାର୍‌ହା ଖୁସିରେ ହଁ ଭରି ବୁଢ଼ାକୁ ତା ଘରକୁ ଡାକି ଆଣିଲା । ଘରକୁ ବୁଢ଼ାକୁ ଡାକି ଆଣି ବୁଢ଼ାର ଖିଆ ପିଆ ପାଇଁ ପିଠା ପ୍ରସ୍ତୁତ କଲା । ଗୁଡ ଚୂନା ଚକଟି ବାର୍‌ହା ଚୂଲି ଜଳେଇ କଡ଼େଇ ବସାଇଲା । କଡ଼େଇ ବସାଇ ବାର୍‌ହା ସେ ଗରମ କଡ଼େଇ ଉପରେ ବସି ପଡ଼ିଲା । ବାର୍‌ହା ଦେହର ଚର୍ବି ଗରମରେ ତରଳି କଡ଼େଇରେ ଅଧା ତେଲ ଭର୍ତ୍ତି ହୋଇଗଲା ।

ବାରହା ହାତକୁ ତେଲ ନିଅରତେ କରହିଁ ଭରତି ହଲ ଆରୁସେ ତେଲ ଥି ବାରହା ପିତା ବନାତେ ତା'ର ଶ୍ୱଶୁର କେ ଖାବାକେ ଦେଲା । ବୁଢ଼ା ଶରଧା ହତେ ଖାତେ ତା'ର ଘେର କେ ଫିରଲ । ବରହାକେ ବୁଢ଼ାଟି ଦେବାତକ ଠିକ୍ କେଲ । ଘେର କେ ଆସ୍‌ତେ ବୁଢ଼ା ତାର ଧାଙ୍ଗରୀ ଟିକେ ପିଠା ବନାବାକେ ଗୁଡ଼୍, ଚୁନା ଆନ୍‌ଦେଲ ଆରୁ ପିଠା ବନାଦେ ବଲତେ କହଲ । ଟୁକେଲ ଦେଖଲ ଯେ ଗୁଡ଼୍, ଚୂନା ସବୁ ଆଛେ ହଲେ ତେଲ ନାଇଁକେ । କେନ୍ତା କେତେ ପିଠା ହତେ ବଲତେ ବୁଢ଼ାକେ କହଲ । ବୁଢ଼ା ଟୁକେଲ କେ ବଲ୍‌ଲ- ଏ ମାଁ ଚୁଇ ଆଗେ କରହି ତୋ ଚୂଲେ ବସାଦେ । ମୁଇଁ ତେଲ ଦେନା କେ ।



ସେହି ତେଲରେ ବାର୍‌ହା ପିଠା ତିଆରି କରି ବୁଢ଼ାକୁ ଖୁଆଇ ତା' ଘରକୁ ପଠେଇ ଦେଲା । ବୁଢ଼ା ବାର୍‌ହା ଜୋଇଁ ଉପରେ ଖୁସି ହୋଇ ଝିଅ ଦେବାକୁ ମନସ୍ଥ କଲା । ତା' ପର ଦିନ ବୁଢ଼ା ବଜାରରୁ ସଉଦା ଆଣି ଝିଅକୁ ପିଠା ତିଆରି ପାଇଁ କହିଲା- ଝିଅ ଚୁନା ଗୁଡ ଚକଟି ଦେଖିଲା ତେଲ ନାହିଁ । ତେଣୁ ଝିଅ ପଚାରିଲା- ବାବା ତେଲ ଭୁଲିଗଲି ଆଣିବାକୁ । ବୁଢ଼ା କହିଲା ଆଗକୁ ଚୂଲି ଜାଳି କଡ଼େଇ ବସା ତେଲ ଆସିବ ।

ଟୁକେଲ ହଁ ବଲତେ ଚୂଲ ଥି କରହି ବସାଦେଲ । କରହି ଗରମ ହତେ ହତେ ତେଲ ସୁତୁନ ବୁଢ଼ା ତା'ର ଦୁଇ ହାତକେ କରହି ଥି ଆପ୍ ଦେଲ, ବୁଢ଼ାର ହାତ ତପତ୍ କରହି ଥି ପୁଡତେ ଗଲ । ହାଏ ବଲତେ ବୁଢ଼ା ବରହାର ଉପରେ ରିଷାହଲ ଆରୁ ଟି ମୁଇଁ ବର୍‌ହା କେ ନାଁ ଦିଏଁ ବଲତେ କହଲ । ତାହାର ଆର ଦିନେ ବୁଢ଼ା ଆର୍ ଗୁଟେକ୍ ଘଂଜା ଖୁଜାତ୍ କେରବାକେ ବାହାରଲା । ଯାତେ ଯାତେ ନୁନ୍ଦୀ ଖଣଥି ଖୁଟି ଜାମୁର୍ଲା ଚେର୍‌କେ ଭେଟ ପାଆଲା ଆରୁ ତା'କେ ଟୁକେଲ୍ ବିହା ଦେବାକେ କହଲ । ଖୁଟୀ ଜାମୁର୍ଲା ଫୁନି ଶରଧା ହତେ ହଁକେଲ । ଖୁଟୀ ଜାମୁର୍ଲା ବୁଢ଼ାକେ ନୁନ୍ଦୀର ଖଣଥି ବସାତେ ନୁନ୍ଦୀ ଖଣର ଗେଛଖାନି ବସଲ ।



ଝିଅ ଚୂଲି ଜାଳିକରି କଡ଼େଇ ଗରମ କଲା । କଡ଼େଇ ଗରମ ହେବାରୁ ବୁଢ଼ା ବାର୍‌ହା କଲା ପରି ଗରମ କଡ଼େଇ ଉପରେ ବସି ପଡ଼ିଲା । ବୁଢ଼ାର ପିଚା ଗରମରେ ପୋଡ଼ିଗଲା ଓ ବୁଢ଼ା ବିକଳରେ ଉଠି ପଡ଼ିଲା ଏବେ ବୁଢ଼ା ଭାବିଲା ଏ ବାର୍‌ହା ଜୋଇଁଟା ଧୋକାବାଜ୍ । ମୁଁ ତାକୁ ଝିଅ ଦେବି ନାହିଁ । ତା' ପରଦିନ ବୁଢ଼ା ପୁଣି ଜୋଇଁ ଖୋଜିବାକୁ ବାହାରିଲା । ଯିବା ବାଟରେ ଗୋଟିଏ ଖୁଟୀ ଜାମୁର୍ଲା ପକ୍ଷୀକୁ ଭେଟିଲା । ବୁଢ଼ା ଖୁଟୀ ଜାମୁର୍ଲା ଦେଖି ପଚାରିଲା ଖୁଟୀ ଜାମୁର୍ଲା ! ତୁ ମୋର ଝିଅକୁ ବାହାହେବୁ । ଖୁଟୀ ଜାମୁର୍ଲା ଖୁସିରେ ହଁ କରି ବୁଢ଼ାକୁ ତା ଘରକୁ ଡାକିଲା । ଜାମୁର୍ଲାର ଘରକୁ ଯିବା ବାଟରେ ନଈଟିଏ ପଡ଼େ । ଖୁଟୀ ଜାକୁର୍ଲା ପକ୍ଷୀଟି ବୁଢ଼ାକୁ ନଦୀ ତୁଠରେ ବସେଇ ନଦୀ ତୁଠ ଗଛରେ ବସି ମାଛ ମାରିବାକୁ ଆରମ୍ଭ କଲା ।

**ପିଲାଙ୍କ କଥା**

**ଖୁଟୀ ଜାମୁର୍ଲା ଗେଛର ଖାନୀନୁ ନୁନ୍ଦୀର ପାନିକେ ଆସ୍ତେ ମାଛ ମେନକେ ଠଁଟେ ଧେରତେ ନୁନ୍ଦୀର ଖଣଥି ରାଖ୍‌ତେ ଦେ । ଇନ୍ତି ଇନ୍ତି କେତେ କେତେ ମାଛକେ ଖୁଟୀ ଜାମୁର୍ଲା ଘେରକେ ନେଲ ଆରୁ ବୁଢ଼ାକେ ରନ୍ଧାରନ୍ଦି କେତେ ଖା' ବାକେ ଦେଲେ । ବୁଢ଼ା ଶରଧା ହତେ ଖୁଟୀ ଜାମୁର୍ଲା କେ ଘଂଜା କେରବାକେ ଠିକ୍ କେଲ । ବୁଢ଼ା ଆସ୍‌ବାର ବାଟେ ନୁନ୍ଦୀ ଖଣଥି ବସଲ ଆରୁ ଖୁଟୀ ଜାମୁର୍ଲା ବାଗିର ପାନି ଥୁ ମାଛ ମେନ୍‌କେ ଧେବାକେ ପାନିକେ ଢ଼େଗାଲ । ବୁଢ଼ା ମାଛ କାଏଁ ଧେର୍‌ତ ଟାଣିଆ ଖବରା ହତେ ଘେରକେ ଆସଲ । ବୁଢ଼ା ଖୁଟୀ ଜାମୁର୍ଲା କେ ଫୁନି ରିଷାହଲ । ଆରଦିନେ ବୁଢ଼ା ଆରପାରେକ ଘଂଜା ଖୁଜତ୍ କରତେ ଘେର୍‌କୁ ବାହାରଲ ।**



ଖୁଟୀ ଜାମୁର୍ଲା ନଦୀର ପାଣୀରେ ପହଁରୁ ଥିବା ମାଛ ଦେଖିଲେ ଗଛ ଉପରୁ ଉଡ଼ି ଆସି ମାଛ ମାନଙ୍କୁ ଖପ୍ କରି ଥଣ୍ଟରେ ଧରି ପକାଇ ତୁଠରେ ଜମା କରେ । ବୁଢ଼ା ଖୁଟୀ ଜାମୁର୍ଲାର ଏପରି କାର୍ଯ୍ୟ ନିରୀକ୍ଷଣ କରୁଥାଏ । ଖୁଟୀ ଜାମୁର୍ଲା ବୁଢ଼ାକୁ ତା' ଘରକୁ ନେଇ ମାଛ ତରକାରୀ ଖୁଆଇ ପଠେଇ ଦେଲା । ବାଟରେ ଘରକୁ ମାଛ ମାରି ନେଇ ଯିବାକୁ ସେଇ ନଦୀର ଡ଼ାଳରେ ଚଢ଼ି ମାଛର ଅପେକ୍ଷାରେ ବସି ରହିଲା । ମାଛଟିଏ ପାଣିରେ ପହଁରୁ ଥିବାର ଦେଖି ବୁଢା ଗଛ ଡାଳ ଉପରୁ ପାଣିକୁ କୁଦା ମାରିଲା । ବୁଢ଼ା ମାଛ ଧରିବ କ'ଣ ଖଣ୍ଡିଆ ଖାବରା ହୋଇ ଓଦା ସରସର ହୋଇ ଦୁଃଖରେ ଘରକୁ ବାହୁଡି ଗଲା । ବୁଢ଼ା ଖୁଟୀ ଜାମୁର୍ଲାକୁ ମଧ୍ୟ ଝିଅ ଦେବାକୁ ଚାହିଁଲା ନାହିଁ ତା' ପରଦିନ ଗୋଟିଏ ଯୁବକଙ୍କୁ ଜୋଇଁ ଖୋଜିବା ବାଟରେ ଭେଟିଲା । ଯୁବକକୁ ଦେଖି ବୁଢ଼ା ତା' ଝିଅ ବିବାହ ଦେବାକୁ ପ୍ରସ୍ତାବ ଦେଲା । ଯୁବକ ମଧ ଖୁସିରେ ପ୍ରସ୍ତାବରେ ରାଜି ହୋଇଗଲା । ଯୁବକ ବୁଢ଼ାକୁ ଘରକୁ ଡ଼ାକି ଖୁଆଇ ପିଆଇ ବଟେଇ ଦେବାକୁ ବାହାରିଲା ।

**ଯାତେ ଯାତେ ବନେ ଧାଙ୍ଗର ପିଲାକେ ବାଟେ ଭେଟହଲ । ବୁଢ଼ା ଧାଙ୍ଗର ପିଲାକେ ତା'ର ଟୁକେଲ କାଯେ ଘଂଜା ରଖବାକେ କହଲ । ଧାଙ୍ଗର ପିଲାପୁନି ହଁ କେଲ ଆରୁ ବୁଢ଼ାକେ ଖା' ବାକେ ତା'ର ଘେରକେ ଡାକ୍‌ତେ ନେଲ । ବୁଢ଼ା କେ ବନେକେତେ ଖାଁ ବାକେ ଦେତେ ବାଲାତେ ଆନ୍‌ଲ ବାଟକେ । ବୁଢ଼ା ଶରଧା ହତେ ଧାଙ୍ଗରା ପିଲାକେ ପଚାରଲ- ଏ ବୁଆ କାଁ ଶାଗ ରାନ୍ଧ ତେଲ ଗୋ ? ଖୋବ୍ ସୁଆଦ ଲାଗତେଲ । ଶଗା ଧାଙ୍ଗରା ପିଲା ବୁଢ଼ାକେ ବତାଲ – ବୁଆ ଗୋ ଆମେ ବଉଁଶ ଶାଗ ରାନ୍ଧତେ ଥିଲୁଁ ଗୋ । ବୁଢ଼ା ଶରଧା ହତେ ଘରକେ ଗଲ ଆରୁ ତାର ଟୁକେଲ୍ କେ ଭାତ ଶାଗ ରାନ୍ଧବାକେ କହଲ । ଟୁକେଲ ହଁ କେରତେ ହାଣି ଚୂଲଥି ବସାଲ ହଲେ ଶାଗ**



ଚାଲୁ ଚାଲୁ ବୁଢ଼ା ଯୁବକକୁ ପଚାରିଲା- ବାବୁ ଆଜି ଭାତ ସାଙ୍ଗରେ ଯେଉଁ ତରକାରୀ ଦେଇଥିଲ ତା ଭାରି ବଢ଼ିଆ ଲାଗିଲା ସେଇ ତରକାରୀ କ'ଣ ଥିଲା ଟିକିଏ କହିବ ? ଯୁବକ କହିଲା ସେଇଟା ବଣର ବାଉଁଶ (କରିଡ଼) ତରକାରୀ ମଉସା । ଆମେ ପ୍ରତିଦିନ ଖାଉ । ବୁଢ଼ା ଖୁସି ହୋଇ ଘରକୁ ଫେରିଲା ଏବଂ ଭାବିଲା ଏ ଯୁବକକୁ ଝିଅ ଦେଲେ ମୋତେ ପ୍ରତିଦିନ ସୁସ୍ୱାଦୁ ତରକାରୀ ଖାଇବାକୁ ମିଳିବ । ତା' ପରଦିନ ବୁଢ଼ା ଝିଅକୁ କହିଲା- ଝିଅ ତୁ ଭାତ ରାନ୍ଧି ଦେ ମୁଁ ତରକାରୀ ପାଇଁ ପରିବା ଆଣିବି । ଝିଅ ରନ୍ଧା ଆରମ୍ଭ କଲା ।

ନାଇଁନେ ବୁଆ ବଲ୍‌ତେ ଶାଗ ଆନବାକେ ବୁଢ଼ା କେ କହଲ । ବୁଢ଼ା ଟାଙ୍ଗିଆ ଗୁଟେକ ଆନ୍ତେ ଘେରେ ଥିବାର ବଉଁଶ ଚାଲ୍‌କେ କୁଟ୍‌କୁଟା କେତେ କୁଟଲ ଆରୁ ତା'ର ଟିକେ ହାଣିଥି ସିଝାବାର ସୁତୁନ୍ କହଲ । ଟୁକେଲ ମୁକୁଡ଼ ଜୁମ ହଲ ଆରୁ ପେଛେ ବୁଢ଼ାକେ କହଲ- ବୁଆଁ ତମର ଜଏଁ ବଉଁଶ ଶାଗ ତୋ ଖା' ବାକେ ଦେଲେ, ଠିକ୍ ହେ । ହଲେ ସେଟା କରଡ଼ି ଗୋ ବୁଆ । ହେଟା କଏଁସି ବଉଁଶ ଶାଗ । ଇ ଜୁରଲା ବଉଁଶ ନାଇଁସେ । ତର ଜୁଏଁ ଠିକ୍ ଶାଗ ରନ୍ଧାତେ ଖା ବାକେ ଦେଲାଛେ । ତୁଇ ଜାନି ନାଇଁ ପାରଲୁ ଗୋ । ବୁଢ଼ା ଏଛନ ତା'ର ଦୋଷ ଜାନଲ ଆରୁ ଧାଙ୍ଗରି ପଲାକେ ଝି ଜେତେ ଜୁଏଁ କରବାକେ ଠିକକଲି ।



ବୁଢ଼ା ଘର ଟାଙ୍ଗିଆ ଆଣି ଘରେ ଲାଗିଥିବା ବାଉଁଶ ଚାଳକୁ ଆଣି ଟିକିଟିକି କରି କାଟି ପକେଇ ଝିଅକୁ ଦେଇ କହିଲା- ଝିଅ ଏହି ପରିବାକୁ ହାଣ୍ଡିରେ ତେଲ ହଳଦୀ ଦେଇ ରୋଷେଇ କର ଖାଇବା । ଝିଅ ଅବାକ୍ ହୋଇ ବୁଢ଼ାର କାରୁ କାର୍ଯ୍ୟକୁ ଅନାଇଥାଏ । ବୁଢ଼ା କହିଲା- ଝିଅ ମୋ ଜୋଇଁ ଘରେ ପରା ଏଇ ବାଉଁଶ ତରକାରୀ ଖାଇ ଆସିଛି । ଝିଅ ଏଥର ବୁଝିଗଲା ଓ କହିଲା- ନାଇଁ ବାପା ସେଇଟା ବାଉଁଶ ତରକାରୀ ଖାଇଛ ଯେ ଏଇ ବୁଢ଼ା ବାଉଁଶ ନୁହେଁ, ସେଇଟା ବାଉଁଶ ଗଜା ତାକୁ ବୁଢ଼ା କରଡ଼ି କହନ୍ତି । ତୁମେ ତୁମ ଜୋଇଁର କଥା ବୁଝି ପାରିଲ ନାହିଁ । ତୁମ ଜୋଇଁ ତୁମକୁ କହିଛନ୍ତି ବୁଢ଼ା ଏଥର ନିଜର ଭୁଲ୍ ବୁଝିପାରିଲା । ଜୋଇଁ ଉପରେ ଖୁସି ହୋଇ ତା ଝିଅକୁ ଯୁବକ ସହିତ ବିବାହ କରିଦେଲା ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର